DHARAMA

# ଧରମା

ଘରୋଇ ପ୍ରସାରଣ ନିମନ୍ତେ

ପ୍ରଥମ ବର୍ଷ | ଦ୍ୱିତୀୟ ସଂଖ୍ୟା | ମାର୍ଚ୍ଚ - ମଇ ୨୦୧୭



ମୁଖ୍ୟ ପରାମର୍ଶକ
ଡ଼ ଲକ୍ଷ୍ମୀଧର ମିଶ୍ର

ଡ଼ ଗୋଲକ ବିହାରୀ ନାଥ
-ମୁଖ୍ୟ ସଂପାଦକ
ଶ୍ରୀ ରକ୍ଷାକର ଅନୁପମ
- ସଂପାଦକ

- ସଂପାଦକ ମଣ୍ଡଳୀ-

ସୁଷମା ସାହୁ

ଭିତର ପୃଷ୍ଠାରେ...

- ଧରମା ବୁଲେଟିନ ଉନ୍ମୋଚିତ
- ନିର୍ମାଣ ଶ୍ରମିକଙ୍କ ଶିଶୁ: ସରକାର ଓ ପ୍ରଶାସନର ଦୃଷ୍ଟିକୁ ଆସୁ
- କବିତା : ଲାଲ ପାଗୋଡ଼ାର ପ୍ରେତ
- ଧରମାର ଏ ଅଭିଯାନ କାହିଁକି ?
- ନିର୍ମାଣ ଶ୍ରମିକ ପିଲାଙ୍କ ଆଞ୍ଚଳିକ ସମାରୋହ ଅନୁଷ୍ଠିତ
- ନିର୍ମାଣ ଶ୍ରମିକଙ୍କୁ କଲ୍ୟାଣ କୋଷରୁ ମିଳୁଥିବା ସୁବିଧା
- ନିର୍ମାଣ ଶ୍ରମିକଙ୍କ ପିଲାଙ୍କ ଶିଶୁ ମହୋତ୍ସବ ଆୟୋଜିତ

## ସମ୍ପାଦକୀୟ

ସେଦିନ ଥିଲା ୨୦୧୬ ମସିହା ନଭେମ୍ବର ମାସ ୨୭ ତାରିଖ । ଧରମା ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ପ୍ରାକ୍ତନ କେନ୍ଦ୍ର ଶ୍ରମ ସଚିବ ଓ ଆନ୍ତର୍ଜାତିକ ଶ୍ରମ ସଂଗଠନର ବରିଷ୍ଠ ଉପଦେଷ୍ଟା ଡ଼ଃ ଲକ୍ଷ୍ମୀଧର ମିଶ୍ରଙ୍କ ଦ୍ୱାରା 'ଧରମା' ପତ୍ରିକା ଉନ୍ମୋଚିତ ହୋଇଥିଲା । ଅତୀତ ଉତ୍କଳର କିମ୍ବଦନ୍ତୀ ଚରିତ୍ର ଧର୍ମପଦ ବା ଧରମା କୋଣାର୍କର ମୁଣ୍ଡିମାରି ନିଜର କଳା କୁଶଳତାର ଚରମ ପରାକାଷ୍ଠା ଦେଖାଇ ୧୨୦୦ ଶିଳ୍ପୀଙ୍କ ନିମନ୍ତେ ନିଜ ଜୀବନକୁ ଉତ୍ସର୍ଗ କରିଥିବା କଥା ଆମ୍ଭେମାନେ ଜାଣିଥିଲୁ । ସେ ଦିନ କିନ୍ତୁ ଭୁବନେଶ୍ୱରର ବୁଦ୍ଧ ମନ୍ଦିର ପରିସରରେ ଆୟୋଜିତ ନିର୍ମାଣ ଶ୍ରମିକ ପିଲାମାନଙ୍କର ସମାରୋହ ଓ "ଧରମା" ମୁଖପତ୍ର ଉନ୍ମୋଚନ ଉତ୍ସବରେ ଆଧୁନିକ ଯୁଗର ଧରମା ମାନଙ୍କୁ ଦେଖିବାର ସୁଯୋଗ ମିଳିଲା । ପ୍ରଗତିଶୀଳ ଶ୍ରମିକ ମଞ୍ଚ ଅନୁକୂଲ୍ୟରେ ନିର୍ମାଣ ଶ୍ରମିକଙ୍କ ସନ୍ତାନ ସନ୍ତତିଙ୍କର ଏକ ଅଭିନବ ସମାରୋହ ଉତ୍ସବ ପାଳନ କରାଯାଇଥିଲା । ଏହା ଏଇଥି ପାଇଁ ଅଭିନବ ଯେ ଅର୍ଥନୀତିରେ ଉଦାରୀକରଣ ଓ ଜଗତୀକରଣ ନୀତି ଅନୁଶ୍ରୁତ ହେବା ଦିନ ଠାରୁ ସଂଗଠିତ କ୍ଷେତ୍ରରେ ଶ୍ରମିକମାନେ ଆଜି ଶ୍ରମିକ ସଂଗଠନ ଚଳାଇ ରଖିବାରେ ନାନା ବାଧା ବିଘ୍ନର ସମ୍ମୁଖୀନ ହେଉଛନ୍ତି । ସେହିପରି ଅଣସଂଗଠିତ କ୍ଷେତ୍ରରେ ଶ୍ରମିକ ସଂଗଠନ କରିବା ଆହୁରି ଅଧିକ କଷ୍ଟକର କଥା । ବିଶେଷ କରି କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ କ୍ଷେତ୍ରର ଶ୍ରମିକମାନଙ୍କୁ ସଂଗଠନ ମଧକୁ ଆଣି ରାଜନୈତିକ, ସାମାଜିକ ସଚେତନତା ବୃଦ୍ଧି କରିବା ନିଶ୍ଚିତ ଭାବେ ଅଧିକ ନିଷ୍ଠା ଆବଶ୍ୟକ କରେ । ଆଜି କିନ୍ତୁ ଓଡ଼ିଶାର ଅଗ୍ରଣୀ ଶ୍ରମିକ ସଂଗଠନ ପ୍ରଗତିଶୀଳ ଶ୍ରମିକ ମଞ୍ଚ ବିଭିନ୍ନ ସ୍ଥାନରେ ନିର୍ମାଣ ଶ୍ରମିକ ଓ ସେମାନଙ୍କର ପିଲାମାନଙ୍କୁ ନେଇ ଗୋଟିଏ ମଞ୍ଚରେ ଏକତ୍ରିତ କରି ଭାବର ଆଦାନ ପ୍ରଦାନ କରିବାର ଯେଉଁ ସୁଯୋଗ ସୃଷ୍ଟି କରିଛି ତାହା ଶ୍ରମିକ ଆନ୍ଦୋଳନରେ ଅଭୂତ ପୂର୍ବ । ଆଜି କୋଠାବାଡ଼ି ନିର୍ମାଣ ଶ୍ରମିକମାନଙ୍କର ପିଲାମାନେ ତାଙ୍କ ପିତା ମାତା କ'ଣ କ'ଣ କାମ କରୁଛନ୍ତି, କେତେ ପଇସା ରୋଜଗାର କରୁଛନ୍ତି, କର୍ମ ସ୍ଥଳିରେ ସେମାନେ କି କି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେ ବିଷୟରେ ସେମାନେ ଅଜ୍ଞ । ଏପରି କି ସେମାନଙ୍କ ମଧ୍ୟରୁ ଅନେକେ ଲଜ୍ୟା ବସତଃ ସେମାନଙ୍କ ପିତାମାତା କୋଠାବାଡ଼ି ନିର୍ମାଣ ଶ୍ରମିକ ବୋଲି ମଧ୍ୟ ପରିଚୟ ଦେବାକୁ କୁଣ୍ଠାବୋଧ କରିଥାନ୍ତି । କିନ୍ତୁ ଧରମା ପତ୍ରିକା ଉନ୍ମୋଚନ ଉତ୍ସବରେ ରାଜ୍ୟରୁ ବିଭିନ୍ନ ସ୍ଥାନରୁ ଆସିଥିବା କୋଠାବାଡ଼ି ନିର୍ମାଣ ଶ୍ରମିକଙ୍କ ସନ୍ତାନ ସନ୍ତତି ମାନେ ସେମାନଙ୍କ ପିତାମାତା କୁଲି, ରେଜା, ରାଜମିସ୍ତ୍ରୀ, ବଢ଼େଇ, ରଙ୍ଗକାରିଗର ପରି କାମ କରୁଥିବା ସ୍ୱଷ୍ଟ ଭାବରେ କହିଥିଲେ ଓ ସେମାନଙ୍କ ପିତାମାତାଙ୍କର ସ୍ୱଳ୍ପ ଆୟକୁ ନେଇ ସ୍କୁଲ କଲେଜରେ ଉଚ୍ଚ ଶିକ୍ଷା ପାଇବା ସେମାନଙ୍କ ପକ୍ଷରେ ସମ୍ଭବ ନୁହେଁ ବୋଲି ମଧ୍ୟ କହିଥିଲେ । ଏ ପ୍ରକାର ବାସ୍ତବତାକୁ ହୃଦୟଙ୍ଗମ କରି ଧରମା ଅନୁଷ୍ଠାନ ଆଜି ଅଧାରୁ ପାଠଛାଡୁଥିବା ନିର୍ମାଣ ଶ୍ରମିକ ପିଲାମାନଙ୍କୁ ପୁଣି ଶିକ୍ଷାୟାତନକୁ ଫେରାଇ ଆଣିବା ପ୍ରୟାସ ଜାରି ରଖିଛି । ସେମାନଙ୍କ ନିମନ୍ତେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ପ୍ରଦତ୍ତ ଶିକ୍ଷାବୃତ୍ତି ସଂପର୍କରେ ଅବଗତ କରାଇବା, ନାଚ, ଗୀତ, ଚିତ୍ରାଙ୍କନ, କ୍ରୀଡ଼ା ଆଦି ମାଧ୍ୟମରେ ସେମାନଙ୍କର ସୃଜନଶୀଳତାର ବିକାଶ ଘଟାଇବା, ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଆଦିର ଅଧିକାର ବିଷୟ ଗୁଡ଼ିକ



ଉପରେ ସଚେତନତା ସୃଷ୍ଟି କରିବା 'ଧରମା' ପତ୍ରିକାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଛାତ୍ରଛାତ୍ରୀମାନେ ଉପରୋକ୍ତ ଅଧିକାର ଗୁଡ଼ିକ ବିଷୟରେ ଅବଗତ ହେଲେ ଓ ସେମାନଙ୍କ ପିତାମାତା ମାନଙ୍କୁ ସେମାନେ ଏ ବିଷୟରେ ଅବଗତ କରାଇ ପାରିବେ ।

ଦେଶ ମଧ୍ୟରେ ଆଜି ଗଣତାନ୍ତ୍ରୀକ ବିଚାରଧାରା, ଧର୍ମନିରପେକ୍ଷତା, ସମାଜବାଦୀ ଭାବଧାରା, ଜାତି, ଧର୍ମ, ବର୍ଣ୍ଣ ମଧ୍ୟରେ ସମାନତା ବୋଧ ଆଦି ମାନବୀୟ ବିଷୟ ଗୁଡ଼ିକର ଘୋର ଅବକ୍ଷୟ ହେବାରେ ଲାଗିଛି । ମୌଳବାଦୀମାନେ ସାଂପ୍ରଦାୟୀକତା, ଆଞ୍ଚଳିକତା, ମିଥ୍ୟାଦେଶଭକ୍ତି କଥା କହି ମଣିଷର ମନରେ ଘୃଣା ଦ୍ୱେଷ, ହିଂସା ଭାବ ସୃଷ୍ଟି କରିବାରେ ଲାଗିଛନ୍ତି । ଛାତ୍ର ସମାଜକୁ ଏ ପ୍ରକାର ସମାଜ ବିରୋଧିତତ୍ତ୍ୱ ମାନଙ୍କ ଠାରୁ ଦୁରରେ ରଖି ଏକ ଗଣତାନ୍ତ୍ରୀକ ଧର୍ମ ନିରପେକ୍ଷ, ଶୋଷଣ ବିହିନ ସମାଜବାଦୀ ସମାଜ ଗଠନ କରିବାରେ ବ୍ରତି ହେବା ନିମନ୍ତେ 'ଧରମା' ଆହ୍ୱାନ ଜଣାଉଛି ।

---

## ନିର୍ମାଣ ଶ୍ରମିକଙ୍କ ଶିଶୁ: ସରକାର ଓ ପ୍ରଶାସନର ଦୃଷ୍ଟିକୁ ଆସୁ

– ଅମିୟ ପାଣ୍ଡବ

ଅସଂଗଠିତ ଶ୍ରମ କ୍ଷେତ୍ରରେ ସବୁଠୁ ବେଶି ଭାଗ ହେଉଛନ୍ତି ନିର୍ମାଣ ଶ୍ରମିକ । ବିଗତ ବହୁ ବର୍ଷଧରି ଏମାନଙ୍କ ପ୍ରତି କାହାରି ଦୃଷ୍ଟି ପଡୁନଥିଲା । ଯଦିଓ ସମସ୍ତେ ସବୁବେଳେ ଓ ସବୁଆଡ଼େ ଏମାନଙ୍କୁ ବର୍ଷତମାମ ଖରା, ବର୍ଷ ଶୀତରେ ଖଟୁଥିବାର ଦେଖୁଥିଲେ ତଥାପି ଏମାନଙ୍କର ମଧ୍ୟ ଯେ କିଛି ଦାବି ଓ ଅଧିକାର ରହିଛି ତାହା କେହି କେବେ ଅନୁଭବ କରୁନଥିଲେ । ଅନେକ ଲୋକ ଜାଣି ସିଆଣିଆ ହୋଇ ସବୁ ଦେଖି ନ ଦେଖିବାର ଅଭିନୟ କରୁଥିବା ବେଳେ ଆଉ କିଛି ଖୁବ୍ ଉଦାସୀନ ଥିଲେ । ରାଷ୍ଟ୍ର ଗଠନରେ ବିଶଷକରି ଭିର୍ତ୍ତିଭୂମୀ ବିକାଶ କ୍ଷେତ୍ରରେ ଏମାନଙ୍କର ଯେ ମୋଟ ଅତୁଳନୀୟ ଅବଦାନ ଅଛି ସେ ସମ୍ପର୍କରେ ଗମ୍ଭୀରତାର ସହ ବିଚାର ହେଉନଥିଲା । ଏମାନଙ୍କର ତ୍ୟାଗ ଓ ଭୂୟସୀ ଭୂମିକା ସମ୍ପର୍କରେ ଯେତେବେଳେ ଆଲୋଚନା ଆରମ୍ଭ ହେଲା ଅର୍ଥାତ ଏମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ କାର୍ଯ୍ୟରତ ଶ୍ରମିକ ସଂଗଠନମାନଙ୍କ ଆହ୍ୱାନ, ଆବାଜ ଓ ଆନ୍ଦୋଳନ ଆଲୋଡ଼ନ ସୃଷ୍ଟି କଲା ସେବେଯାଇ ଏମାନଙ୍କ ସ୍ୱାସ୍ଥ୍ୟ ଓ ସ୍ଥିତି ଅଧିକ ସ୍ୱଷ୍ଟହେଲା । ଲଗାତାର ଲଢ଼େଇ ଫଳରେ ଏମାନଙ୍କ ଶ୍ରମକୁ ସମ୍ମାନ ଓ ସ୍ୱୀକୃତି ଦେବାକୁ ସରକାର କହିବାକୁ ବାଧ ହେଲେ । ଏବେ ଯାହା କିଛି ସରକାରୀ ସହାୟତା ମିଳୁଛି ତା ପଛରେ ରହିଛି ସୁଦୀର୍ଘ ସଂଗ୍ରାମ ଓ ସଂଘର୍ଷର କଷରତ । ଦୁଃଖରକଥା ଦୟାକଲାଭଳି କିଛି ରାଜନୈତିକଦଳ ନିଜକୁ ଦାଦା ଏହାକୁ ନେଇ ଶସ୍ତା ରାଜନୀତିରେ ମାତିଛନ୍ତି ।

ତେବେ ସବୁଠୁ ବଡ଼ କଥା ହେଲା ଏହି ନିର୍ମାଣ ଶ୍ରମିକଙ୍କ ପାଇଁ ଯଦିଓ ସାଇକେଲ, ଯନ୍ତ୍ରପାତି, ଦୁର୍ଘଟଣାବୀମା ଓ ପିଲାଙ୍କ ପାଠପଢ଼ା ବା ବିଭାଘର ପାଇଁ କିଛିଟା ସହାୟତା ଏବେ ମିଳୁଛି ତଥାପି ଏହି କ୍ଷେତ୍ରରେ ଦୃଶ୍ୟମାନ ଅନ୍ୟ ଏକ ଜ୍ୱଳନ୍ତ ସମସ୍ୟା ଏବେ ମଧ୍ୟ ବାବୁ ଭାୟା ମାନଙ୍କ ଆଖିକୁ ଦିଶୁନି । ପ୍ରକୃତରେ ଆଖିକୁ ଦିଶୁନି ଅର୍ଥ ନୁହେଁ ଯେ ସେମାନେ ଦୃଷ୍ଟିହୀନ, ସତକଥା ହେଲା ସେମାନେ ଏଥିପ୍ରତି ଏବେ ଯାଏ ଉଦାସୀନ । ସାରା ଦେଶରେ ଏହି ଦୃଶ୍ୟ ସମାନ । ଅନେକ ସ୍ଥାନରେ ନିର୍ମାଣ ଶ୍ରମିକମାନେ ଉଭୟ ସ୍ୱାମୀ–ସ୍ତ୍ରୀ କାମ କରିବାକୁ ଆସୁଛନ୍ତି । ଗରିବ ଶ୍ରମିକଙ୍କ ପାଖରେ ଦୁହେଁ ଖଟ଼ିବା ଛଡ଼ା ଆଉ ଚାରା ବି ନାହିଁ । ତେଣୁ ଘରେ ତାଯାପକାଇ ଏମାନେ ଛୋଟ ଛୁଆଙ୍କଠାରୁ ଆରମ୍ଭ କରି ୧୦ –୧୨ ବର୍ଷ ବୟସର ପିଲାଙ୍କୁ ସାଙ୍ଗରେ ନିଜ ନିଜ କର୍ମସ୍ଥଳୀକୁ ନେଇଆସୁଛନ୍ତି । ପାଖରେ ଯେଉଁଠି ଶୁଆଇ, ବସାଇ ବା ଛାଡ଼ିଦେଇ କାମ କରୁଥାନ୍ତି । ଯଦ୍ୱାରା ଶିଶୁମାନଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୁଏ । ଦ୍ୱିତୀୟରେ ଏମାନଙ୍କ କର୍ମସ୍ଥଳୀ ନିର୍ଦ୍ଧିଷ୍ଟ ହୋଇନଥିବାରୁ ଏମାନେ ବୁଲିବୁଲି କାମ କରିଥାନ୍ତି ତେଣୁ ତାଙ୍କ ପିଲାମାନେ ପାଠପଢ଼ିବା ସମ୍ଭବପର ହୋଇପାରୁନଥିଲା । ଯେଉଁଥିପାଇଁ କିଛି ପିଲା ଅତି ଛୋଟ ବୟସରୁ ହିଁ ଏସବୁ କାମରେ ଲାଗିପଡ଼ନ୍ତି । ସେହିପରି ସେପ୍ରକାର ପରିବେଶରେ ପିଲାମାନେ ରହିବା କାରଣରୁ କେବଳ ଖରା, ବର୍ଷା ବା ଶୀତ କାକର ନୁହେଁ ବରଂ ଧୂଳି, ଧୂଆଁ ଓ ତୀବ୍ର ଶବ୍ଦ ପ୍ରଦ୍ୟୁଷଣର ଶୀକାର ହୁଅନ୍ତି । କମଳବତୀ ବୟସରେ , ପ୍ରତିରୋଧ ଶକ୍ତି ବଢ଼ିବା ପୂର୍ବରୁ ହିଁ ଏମାନେ ନାନାଦି ଜଟିଳ ରୋଗ ବ୍ୟାଧିର କବଳରେ ପଡ଼ି କଲବଲ ହୁଅନ୍ତି । ଦାରିଦ୍ର୍ୟର ଦାଢୁଆ ଦାନ୍ତ ଓ ସମାଜିକ ସୁରକ୍ଷାର ଅଭାବ ମଝିରେ ପଶି ପେଷି ହୋଇଯାଆନ୍ତି । ଅନେକ ସ୍ଥଳରେ ଦେଖାଯାଉଛି ଏପରି ଅସୁରକ୍ଷିତ କର୍ମସ୍ଥଳୀରେ ପିଲାମାନେ ରହିବା ଯୋଗୁଁ ଅଜ୍ଞତା ବା ଅସାବଧାନତା ହେତୁ ନିୟମିତ ଦୁର୍ଦ୍ଦଶାର ଶୀକାର ହୁଅନ୍ତି ଓ ମୃତାହତ ହୁଅନ୍ତି । ଏହିସବୁ ଜ୍ୱଳନ୍ତ ସମସ୍ୟାରେ ଶ୍ରମିକମାନେ ସଢୁଥିବା ବେଳେ ଏହାକୁ ନେଇ ନିର୍ଦ୍ଧିଷ୍ଟ ନୀତି ନିୟମ ପ୍ରଣୟନ ହୋଇପାରୁନି । ଯଦିଓ ପ୍ରଗତିଶୀଳ ଶ୍ରମିକ ମଂଚ ପରି କିଛି ସଂଗ୍ରାମୀ ସଂଗଠନ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ବିବେଚନା କରି ନିୟମିତ ସ୍ୱର ଉତ୍ତୋଳନ କରିଆସିଛନ୍ତି ।

ସୂଚନା ଯୋଗ୍ୟ ଯେ ଏହି ସବୁ ଶିଶୁ ମାନଙ୍କ ଶୈଶବ ଆଜି ବନ୍ଧା ପଡ଼ି ଯାଉଛି । ବିଡ଼ମ୍ବିତ ଭାଗ୍ୟକୁ ନେଇ ଏମାନେ ବଞ୍ଚିବାକୁ ବାଧ ହେଉଛନ୍ତି । ଏକ ଜନମଙ୍ଗଲ ରାଷ୍ଟ୍ର ଯଦି ନିଜର ଭବିଷ୍ୟତର ମାନବ ସମ୍ବଳର ଉସକୁ ଏପରି ଉପେକ୍ଷିତ କରେ ଓ ଉଦାସୀନ ରୁହେ ତେବେ ତାହା ଯେତିକି ମାରାତ୍ମକ ତତୋଧିକ ନିନ୍ଦନୀୟ । ଏମାନଙ୍କ ଭିତରେ ପ୍ରଚଣ୍ଡ ପ୍ରତିଭା । କେବଳ ନିପୂଣ ଶିଳ୍ପୀ ବା କୁଶଳୀ କାରିଗରୀ ବିଦ୍ୟା ନୁହେଁ ଏମାନଙ୍କଠାରେ ମଧ୍ୟ ରହିଛି ଉପରକୁ ଉଠିବାର ଉଦ୍ୟମ ଓ ସ୍ପୃହା । ଏମାନଙ୍କ ଭିତରେ ରହିଛି ନାଚ, ଗୀତ, ଚିତ୍ରାଙ୍କନ, ଅଭିନୟ, କ୍ରୀଡ଼ା ଓ ଅସାଧ ସାଧନ କରିବାର ଅପୂରନ୍ତି ଉତ୍ସ । ମାତ୍ର ଏମାନଙ୍କୁ ନିଜ ନିଜ ପ୍ରତିଭା ଓ ପସନ୍ଦ ଅନୁକୂଳ ପରିବେଶ ଓ ପୃଷ୍ଟପୋଷକତା ଯୋଗାଇଦେବ କିଏ ? ଗୋଟିଏ ଯୋଗ୍ୟ ସ୍ୱାଭିମାନୀ, ପରିଶ୍ରମୀ ଓ ଆତ୍ମନିର୍ଭରଶୀଳ ମାନବ ସମ୍ବଳ ଗଢ଼ିତୋଳିବା କ'ଣ ରାଷ୍ଟ୍ରର ଦାୟିତ୍ୱ ନୁହେଁ କି ? ଭିତ୍ତିଭୂମୀ ନିର୍ମାଣରେ ମୂଳଦୁଆ ପକାଉଥିବା ନିର୍ମାଣ ଶ୍ରମିକଙ୍କ ପିଲାମାନଙ୍କ ଜୀବନର ଭିତ୍ତିଭୂମୀ ପ୍ରତି ଆଖି ବୁଜି ଦେଲେ ଚଳିବ କି ? ଏମାନଙ୍କ ଭବିଷ୍ୟତ ପ୍ରତି ଦୃଷ୍ଟି ଦେଲେ ଏବଂ ଏଥିପ୍ରତି କେବଳ ସମ୍ବେଦନଶୀଳ ହେବା ବା ମାନବୀୟ ଦୃଷ୍ଟି କୋଣରୁ ବିଚାର କରିବା ବଦଳରେ ସେମାନଙ୍କ ମାନବିକ ଅଧିକାର ସୁରକ୍ଷିତ କରିବା ଲକ୍ଷ୍ୟରେ କିଛିଟା ଠୋସ କାର୍ଯ୍ୟକ୍ରମର ଖସଡ଼ା ପ୍ରସ୍ତୁତ ହେବା ଅବଶ୍ୟ ଅନିବାର୍ଯ୍ୟ । ଏହି କୁନି କୁନି ପିଲାମାନଙ୍କ ସ୍ୱପ୍ନ ମଉଳି ନଯାଉ, ସେମାନଙ୍କ ପ୍ରତିଭାର କଢ଼ ପ୍ରସ୍ଫୁଟିତ ହେଉ ଏବଂ ତାର ସୁଗନ୍ଧରେ ଏ ସମାଜ ପୁଲକିଂତ ହେଉ ଏହା ଆଶା କରିବାଟା ହିଁ ଆଜିର ଆବଶ୍ୟକତା । ସେମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟର ବ୍ୟବସ୍ଥାକୁ ଗ୍ୟାରେଣ୍ଟି ଯୁକ୍ତ କରିବା ସହ ସାମାଜିକ ସୁରକ୍ଷାର ସୁରକ୍ଷାର ପ୍ରଶ୍ନକୁ ମଧ୍ୟ ବିଚାରକୁ ନେବା ଦରକାର । ଯଦି ସରକାର, ପ୍ରଶାସନ ବା ସମାଜର ତଥାକଥିତ ଶିକ୍ଷିତ, ସମ୍ଭ୍ରାନ୍ତ ଓ ବୁଦ୍ଧିଜୀବୀମାନେ ନିଜ ଶ୍ରେଣୀ ସ୍ୱାର୍ଥକୁ ସୁରକ୍ଷିତ ରଖିବା ଲକ୍ଷ୍ୟରେ ଭବିଷ୍ୟତର ମୂଲିଆ ମାନଙ୍କୁ ବଞ୍ଚାଇ ରଖିବାର ମାରାତ୍ମକ ମାନସିକତାକୁ କାର୍ଯ୍ୟକାରୀ କରୁଥାନ୍ତି ଏହା ସାମଗ୍ରୀକ ଭାବେ ସମାଜପାଇଁ ଖୁବ୍ କ୍ଷତିକାରକ । ପ୍ରଥମତଃ ଶ୍ରମିକର ପିଲାମାନେ ସବୁଦିନ ଶ୍ରମିକ ହୋଇ ରହିଥାନ୍ତୁ ଓ ଖଟି ଖଟି ଖତମ୍ ହୋଇଯାଆନ୍ତୁ ବୋଲି ଭାବିବା ମୂର୍ଖାମୀ ବା ମୂଢ଼ତା । ଦ୍ୱିତୀୟରେ ଏମାନଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ଯୋଗାଇଦେବା ସହ ଗୋଟେ ସୁସ୍ଥ ଏବଂ ଦକ୍ଷ ନିର୍ମାଣକାରୀ ମାନବ ସମ୍ବଦଭାବେ ଗଢ଼ିତୋଳିବା ମଧ୍ୟ ରାଷ୍ଟ୍ର ପକ୍ଷେ ହିତକାର ।

ସୂଚନା ଯୋଗ୍ୟଯେ ଯଦିଓ ଏହି ଦୃଷ୍ଟି ଆଢୁଆଳରେ ରହିଯାଉଥିବା ପିଲାମାନଙ୍କୁ ସେସବୁ ସ୍ଥାନରୁ ଫେରାଇଆଣି ମୁଖ୍ୟ ସ୍ରୋତରେ ସାମିଲ କରିବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ନାମକୁମାତ୍ର ଏକ ବୋର୍ଡ଼ ବା ପରିଷଦ ଗଠନ କରାଯାଉଛି ତେବେ କ୍ଷୋଭର କଥା ଏହାର ସ୍ଥିତି ଓ କାର୍ଯ୍ୟକ୍ରମ ନେଇ ସମସ୍ତେ ସନ୍ଦିହାନ । ବୋର୍ଡ଼ ପକ୍ଷରୁ ଏଦିଗରେ ନା କୌଣସି ଠୋସ୍ କାର୍ଯ୍ୟକ୍ରମ ନିଆଯାଉଛି ନା ଅଦ୍ୟାବଧି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ ରଖାଯାଉଛି । ଯାହା ଏହି ବର୍ଗର ପିଲାଙ୍କ ମଧ୍ୟରେ କୌଣସି ଅସ୍ତିବାଚକ ଆଶା ସଂଚାର କରିପାରିବ । ତେଣୁ ଏହାର ବାସ୍ତବ କାର୍ଯ୍ୟକାରୀତାର ଆବଶ୍ୟକତା ଆଜି ଆମେ ଅଙ୍ଗେଅଙ୍ଗେ ଦେଖୁଛେ । ସରକାରଙ୍କ ଏହି ଆନ୍ତରୀକତାହୀନ ଏବଂ ପ୍ରଚାର ସର୍ବସ୍ୱ ଫମ୍ପା ପ୍ରତିଶ୍ରୁତି ବଦଳରେ ସଠିକ୍ ଓ ସମୟ ଉପଯୋଗୀ ପଦକ୍ଷେପ ଖୁବ୍ ଜରୁରୀ । ପ୍ରଗତିଶୀଳ ଶ୍ରମିକ ମଞ୍ଚ ପକ୍ଷରୁ ଏ ଦିଗରେ ବିଗତ ବର୍ଷ ବର୍ଷ ଧରି ଯେଉଁ

**ଏକ ଜନମଙ୍ଗଲ ରାଷ୍ଟ୍ର ଯଦି ନିଜର ଭବିଷ୍ୟତର ମାନବ ସମ୍ବଳର ଉସକୁ ଏପରି ଉପେକ୍ଷିତ କରେ ଓ ଉଦାସୀନ ରୁହେ ତେବେ ତାହା ଯେତିକି ମାରାତ୍ମକ ତତୋଧିକ ନିନ୍ଦନୀୟ ।**

କ୍ରମଶଃ...

# ନିର୍ମାଣ ଶ୍ରମିକ ପିଲାମାନଙ୍କ ସମାରୋହ ଓ ଧରମା ବୁଲେଟିନ ଉନ୍ମୋଚିତ

ଭୁବନେଶ୍ୱର: ସ୍ଥାନୀୟ ବୁଦ୍ଧମନ୍ଦିର ସଭାଗୃହରେ ଗତ ତା ୨୭ ନଭେମ୍ବର, ୨୦୧୬ ରିଖରେ ନିର୍ମାଣ ଶ୍ରମିକ ପିଲାମାନଙ୍କୁ ନେଇ ଏକ ଛାତ୍ର ସମାରୋହ ଡ଼ଃ ଗୋଲକ ବିହାରୀ ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଧରମା ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ସମାରୋହରେ ପ୍ରାକ୍ତନ କେନ୍ଦ୍ର ଶ୍ରମ ସଚିବ ଓ ଆନ୍ତର୍ଜାତିକ ଶ୍ରମ ସଂଗଠନର ବରିଷ୍ଠ ଉପଦେଷ୍ଟା ଡ଼ଃ ଲକ୍ଷ୍ମୀଧର ମିଶ୍ର, ଶିକ୍ଷାବିତ ପ୍ରଫେସର ପ୍ରିତୀଷ ଆଷ୍ଟାର୍ଯ୍ୟ, ଲେଖକ ଓ ସମାଜସେବୀ ସୈଲେଜ ରବି, ଅଧିବକ୍ତା ବିଶ୍ୱପ୍ରିୟ କାନୁନଗୋ, ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାଏକ, ଆଇନ୍ ବିଷାରଦ ଗୋପୀନାଥ ବାରିକ ଏବଂ ଅଧାପିକା ଜୟଶ୍ରୀ ନନ୍ଦ ଏହି ସମାରୋହରେ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଓ ସମ୍ମାନୀତ ଅତିଥି ଭାବରେ ଯୋଗଦାନ କରି "ଧରମା" ମୁଖପତ୍ର ଉନ୍ମୋଚନ କରିଥିଲେ । ସୁଷମା ସାହୁ ଓ ସାଥୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଗୋପୀନାଥ ବାରିକଙ୍କ ଦ୍ୱାରା ଆଗତ କ୍ୟୁବାର ପ୍ରାକ୍ତନ ରାଷ୍ଟ୍ରପତି ଫିଦେଲ କାଷ୍ଟ୍ରୋଙ୍କ ସ୍ମୃତିରେ ଏକ ପ୍ରାଥନା କରାଯାଇଥିଲା ।

ସମାରୋହରେ ଧରମା ପ୍ରତିଷ୍ଠାନର ସମ୍ପାଦକ **ଶ୍ରୀ ରକ୍ଷାକର ଅନୁପମ୍** ପ୍ରାରମ୍ଭିକ ସୂଚନା ଦେଇ କହିଲେ ଯେଉଁମାନେ ସଂଗଠିତ ହୋଇପାରିଛନ୍ତି ସେମାନଙ୍କ କଥା ସରକାର ଶୁଣିବାକୁ ବାଧ ହେଉଛନ୍ତି । ମାତ୍ର ଅଣସଂଗଠିତ କ୍ଷେତ୍ର ଶ୍ରମିକମାନଙ୍କ କଥା ରାଜନୈତିକ ଦଳମାନେ ସେମାନଙ୍କ ନିର୍ବାଚନ ଇସ୍ତାହାରରେ ସ୍ଥାନୀତ କରୁନାହାନ୍ତି । ନିର୍ମାଣ କ୍ଷେତ୍ର ଶ୍ରମିକମାନେ ଅଣସଂଗଠିତ ହୋଇ କାମ କରୁଥିବାରୁ ସେମାନଙ୍କ ସମସ୍ୟା ରାଜନୈତିକ ଦଳ ମାନଙ୍କର ପ୍ରସଙ୍ଗ ହୋଇ ପାରି ନାହିଁ । ସେମାନଙ୍କ ପିଲାମାନେ ଶିକ୍ଷା ଓ ସ୍ୱାସ୍ଥ୍ୟ ପରି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି । ନିର୍ମାଣ କ୍ଷେତ୍ରର ଶ୍ରମିକ ପିଲାମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ପାଇଁ ଏହା ଏକ ପ୍ରୟାସ । ଶ୍ରମିକମାନେ ସେମାନଙ୍କ ଜୀବନ ଓ ଜୀବିକାରେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟାକୁ ମୁକାବିଲା କରିବାରେ ଛାତ୍ରଛାତ୍ରୀମାନଙ୍କର ସହଯୋଗ ଲୋଡ଼ାଯାଉଛି । ନିର୍ମାଣ ଶ୍ରମିକମାନେ ସାମାଜିକ ନିରପତ୍ତା ପାଇବାରେ ଛାତ୍ରଛାତ୍ରୀଙ୍କର କେଉଁ ପ୍ରକାର ଭୂମିକା ରହିଛି ତାକୁ ନେଇ ଚର୍ଚ୍ଚା ହେବା ସହ ଛାତ୍ରଛାତ୍ରୀ ମାନଙ୍କ ଭୂମିକାକୁ ନିର୍ଦ୍ଧିଷ୍ଟ କରିବାର ଆବଶ୍ୟକତା ରହିଛି ।

ସମାରୋହରେ ପ୍ରାରମ୍ଭିକ ସୂଚନା ଦେଇ ବିଶିଷ୍ଟ ଅର୍ଥନୈତିଜ୍ଞ **ଡ଼ଃ ଗୋଲକ ବିହାରୀ ନାଥ** କହିଲେ ବିଡ଼ମ୍ବନାର ବିଷୟ ଏହିଯେ ନିର୍ମାଣ ଶ୍ରମିକ ପିଲାମାନେ କହି ପାରୁନାହାନ୍ତି କି ସେମାନଙ୍କ ବାପା ମା ରାଜମିସ୍ତ୍ରୀ କି, ବଢ଼େଇ, ରଙ୍ଗମିସ୍ତ୍ରୀ, କିମ୍ବା ଇଲେକ୍ଟ୍ରିସିଆନ । ଏହି ପ୍ରକାର କାମକୁ ଆମ ସମାଜ ଭିନ୍ନ ଦୃଷ୍ଟିରେ ଓ ନ୍ୟୁନକରି ଦେଖୁଛି, ଏହି ଭଳି ସମାଜରୁ ଯେଉଁ ପିଲାମାନେ ଏହି ସମାରୋହକୁ ଆସିଛନ୍ତି ସେମାନେ ବହୁତ ଭାଗ୍ୟବାନ କାରଣ ସେମାନେ ଯୁକ୍ତଦୁଇ ଓ ଯୁକ୍ତ ତିନ ପଢ଼ିପାରିଛନ୍ତି । ନିର୍ମାଣ ଶ୍ରମିକ ସଂସଦ ଭବନ କରିଛି, ବିଧାନ ସଭା ତିଆରି କରିଛି, ରାସ୍ତା, ଡ଼୍ୟାମ, ବ୍ରିଜ, କୋଣାର୍କ ଓ ତାଜମହଲ, କୋଠାଘର ତିଆରି କରିଛି ମାତ୍ର ନିଜ ପାଇଁ ଖଣ୍ଡେ ଘର କରିପାରିନାହିଁ । ତା ଛୁଆ ଶୈଶବରୁ ପାଖରେ ରହିକରି ସେ ବାଲି ମାଟିରେ ମିଶୁଛି । ଯେତେବେଳେ ତା ମା କାମକୁ ଯାଉଛି ସେହି କାମ ସ୍ଥାନରେ ଛୁଆକୁ ଛାଡ଼ିଦେଇଯାଉଛି । ଗୋଟିଏ ସ୍ଥାନରେ କାମ ସାରି ଅନ୍ୟ ସ୍ଥାନକୁ ପିଲାମାନଙ୍କୁ ସାଙ୍ଗରେ ଧରି ଯିବାକୁ ହେଉଛି । ଅଣସଂଗଠିତ ଶ୍ରମିକ ହୋଇଥିବାରୁ ସେମାନେ ବିଭିନ୍ନ କାମରେ ବହୁ ସ୍ଥାନକୁ ସ୍ଥାନାନ୍ତରିତ ହେବାକୁ ପଡ଼ିଥାଏ । ତାଙ୍କ ଛୁଆମାନଙ୍କୁ ପାଠ ପଢ଼ାଇବା, ଠିକ୍ ଶିକ୍ଷା ଦେବା, ସ୍ୱାସ୍ଥ୍ୟର ଯତ୍ନ ନେବା ସମ୍ଭବ ହୋଇପାରେ ନାହିଁ । ଶ୍ରମିକମାନେ ବଡ଼ ଛୁଆକୁ ସ୍କୁଲରୁ କାଢ଼ି ଆଣି ଛୋଟ ଛୁଆଙ୍କୁ ଜଗାଇ ଦେଇ କାମକୁ ଯାଉଛନ୍ତି । ଆମେ ଯେଉଁ ସମାଜ ଭିତରୁ ଆସିଛୁ ସେ ସାମାଜିକ ନିରାପତ୍ତା ଦେବା ପାଇଁ ପ୍ରସ୍ତୁତ ନୁହେଁ । ଶ୍ରମିକମାନଙ୍କ ସାମାଜିକ ନିରାପତ୍ତା ନିମନ୍ତେ ପ୍ରଗତିଶୀଳ ଶ୍ରମିକ ମଞ୍ଚ ବହୁବର୍ଷ ହେବ ଲଢ଼େଇ ଓ ଦାବୀ କରି ଆସୁଛି । ଏହି ଦାବୀ ଓ ଆନ୍ଦୋଳନ ଫଳରେ ନିର୍ମାଣ ଶ୍ରମିକ ଆଇନ୍‌କୁ ଓଡ଼ିଶାରେ କାର୍ଯ୍ୟକାରୀ କରିବା ପାଇଁ ସରକାର ବାଧହେଲେ । ଛାତ୍ରମାନେ ଜାଣିବା ଦରକାର ଏହି ଆଇନ୍‌ଦ୍ୱାରା ନିର୍ମାଣ ଶ୍ରମିକ ପଞ୍ଜୀକୃତ ହୋଇ ବିଭିନ୍ନ ସୁବିଧା ସୁଯୋଗ ପାଉଥିବା ବେଳେ ତାଙ୍କ ପିଲାଙ୍କ ନିମନ୍ତେ ଛାତ୍ରବୃତ୍ତି ଦିଆଯାଉଛି । ସେହି ଦାୟିତ୍ୱରେ ଥିବା ଅଧିକାରୀମାନେ ଚାହୁଁନାହାନ୍ତି ନିର୍ମାଣ ଶ୍ରମିକ ପିଲା ଶିକ୍ଷା ବୃତ୍ତି ପାଇ ଉଚ୍ଚ ଶିକ୍ଷା ଲାଭ କରନ୍ତୁ । ମହାବିଦ୍ୟାଳୟ ମାନଙ୍କରେ ଅଧକ୍ଷମାନେ ଦରଖାସ୍ତକୁ ସୁପାରିଶ କରିବାକୁ ଆଗ୍ରହ ଦେଖାଉନାହାନ୍ତି । ଗ୍ରାମାଞ୍ଚଳର ଗରିବ ପିଲାମାନେ ପାଠ ପଢ଼ିବେ କିପରି ?

ବିଶିଷ୍ଟ ଶ୍ରମ ଅର୍ଥନୀତିଜ୍ଞ ଓ ପ୍ରାକ୍ତନ କେନ୍ଦ୍ର ଶ୍ରମ ସଚିବ **ଡ଼ଃ ଲକ୍ଷ୍ମୀଧର ମିଶ୍ର** "ଧରମା" ମୁଖପତ୍ର ଉନ୍ମୋଚନ କରି କହିଲେ ମୋତେ ଏହି ସଭାରେ କହିବାକୁ ସୁଯୋଗ ଦେଇଥିବାରୁ ମୁଁ ପ୍ରଗତିଶୀଳ ଶ୍ରମିକ ମଞ୍ଚ ଓ ଧରମା ପ୍ରତିଷ୍ଠାନ ସହ ସଂପୃକ୍ତ ଓ ଏହାର କର୍ମକର୍ତ୍ତାଙ୍କୁ ଏପରି ନିଆରା ଉଦ୍ୟମ ପାଇଁ ସାଧୁବାଦ ଜଣାଉଛି । ଆପଣମାନଙ୍କ ଆଗରେ ଠିଆ ହୋଇ ଦୁଇପଦ କହିବା ଆଗରୁ ମୋର ମନ ଯେତିକି ବ୍ୟଗ୍ର ଉତ୍ସାହତ ଯେତିକି ଉଲ୍ଲସିତ ସେତିକି ଦୁଃଖରେ ବି ଭରା କାରଣ ଦୁଇଦିନ ତଳେ କ୍ୟୁବାର ପରମପୂଜ୍ୟ ପ୍ରାକ୍ତନ ରାଷ୍ଟ୍ରପତି ଫିଦେଲ କାଷ୍ଟ୍ରୋଙ୍କର ଦେହାବସାନ ହୋଇଯାଇଛି । ଫିଦେଲ କାଷ୍ଟ୍ରୋ କ୍ୟୁବାର ଯାହା ସବୁ ମୌଳିକ ପରିବର୍ତ୍ତନ କରିଯାଇଛନ୍ତି ତାହା ସମଗ୍ର ବିଶ୍ୱପାଇଁ ଅନୁକରଣୀୟ । ସ୍ୱାସ୍ଥ୍ୟ, ଶିକ୍ଷା ଓ ଜନକଲ୍ୟାଣ କ୍ଷେତ୍ରରେ ଯାହା କରିଯାଇଛନ୍ତି ତାହା ସମଗ୍ର ବିଶ୍ୱପାଇଁ ଏକ ମଡ଼େଲ । ୧୯୮୭ରେ ମୁଁ ଯେତେବେଳେ ରାଷ୍ଟ୍ରୀୟ ସ୍ୱାକ୍ଷରତା ମିଶନରେ ମହାନିର୍ଦ୍ଦେଶକ ଭାବରେ ଯୋଗଦାନ କଲି ମୋ ସମ୍ମୁଖରେ ସବୁଠାରୁ ବଡ଼ ଆହ୍ୱାନ ଥିଲା କିପରି ଏତେ ସଂଖ୍ୟାରେ ନିରକ୍ଷରମାନଙ୍କୁ ସ୍ୱାକ୍ଷର କରାଇବି । ସେହି ସମୟରେ ମୋର ଆଶଙ୍କା ଥିଲା ମୁଁ ଏତେ ବଡ଼ ଦେଶରେ ଓ ବହୁ ସଂଖ୍ୟାର ଲୋକଙ୍କୁ କିଭଳି ସ୍ୱାକ୍ଷର କରିବି ।

ସୂଚନା ଦେଇ ଡ଼ଃ ମିଶ୍ର ଆହୁରି କହିଲେ ୧୯୬୧ ରୁ ୧୯୬୮ରେ ଫିଦେଲ କାଷ୍ଟ୍ରୋ ସମଗ୍ର କ୍ୟୁବାକୁ ସାକ୍ଷର କରିବା ପାଇଁ ସଂକଳ୍ପ ନେଇଥିଲେ । ସେହି ସଂକଳ୍ପ ସ୍ୱରୂପ ମାତ୍ର ଦୁଇ ବର୍ଷ ଭିତରେ କ୍ୟୁବାରେ ଯେତିକି ନରକ୍ଷର ଥିଲେ ଦେଶର ସମସ୍ତଙ୍କୁ ସ୍ୱାକ୍ଷର କରିପାରିଥିଲେ । ରାଜୀବ ଗାନ୍ଧୀ ଜାତୀୟ ସ୍ୱାକ୍ଷରତା ମିଶନର ମହାନିର୍ଦ୍ଦେଶକ କରି ଆଣିଛନ୍ତି ସତ ମାତ୍ର କେମିତି ଏହାକୁ କାର୍ଯ୍ୟକାରୀ କରିବି ବୋଲି ଭାବୁଥିଲି ।















ସେତେବେଳେ ମୋତେ ଫିଦେଲ କାଷ୍ଟ୍ରୋଙ୍କଠାରୁ ବିଶେଷ ଭାବରେ ପ୍ରେରଣା ମିଳିଥିଲା । ସେ ବିଶ୍ୱର ପ୍ରଚଣ୍ଡ ସଂକଳ୍ପ ଓ ସାଧନାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ । ସେହି ସଂକଳ୍ପ ଓ ଦୂରଦୃଷ୍ଟି ପାଇଁ ଆମେ ତାଙ୍କୁ ଆଜି ମନେ ପକାଉଛୁ । ସେ ଯେଉଁସ୍ଥାନ ଛାଡ଼ି ଯାଇଛନ୍ତି ତାକୁ ପୂରଣ କରିବା ଅସମ୍ଭବ ।

୧୯୯୬ରେ ପ୍ରଣୀତ କୋଠା ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଆଇନ ଆଜି କେତେଦୂର ସଫଳ ହୋଇଛି ତାହା ଉପରେ ବ୍ୟାପକ ଚର୍ଚ୍ଚା ହେବା ଦରକାର । ଯେଉଁ ଉଚ୍ଚ ପଦାଧିକାରୀ କ୍ଷମତାରେ ଥାଆନ୍ତି ସେମାନଙ୍କ ଲକ୍ଷ୍ୟ ହେବା ଦରକାର ସେ ପଦବୀ ଓ କ୍ଷମତା ନିଜ ସ୍ୱାର୍ଥ ପାଇଁ ଯାହିର ନକରି ଅନ୍ୟମାନଙ୍କ ହୀତପାଇଁ କିପରି ଭାବରେ ପ୍ରୟୋଗ କରାଯାଇପାରିବ । ତାହା ଦ୍ୱାରା କ୍ଷମତା ଓ ପଦବୀର ମର୍ଯ୍ୟଦା ବଢ଼ିବ । ରକ୍ଷାକରଙ୍କ କଥାକୁ ଗୁରୁତ୍ୱ ଦେଇ କହିଲେ ଧରମା ନିଜର କଳା/କୁଶଳତା/ ଚରମପରାକାଷ୍ଠ ଦେଖାଇ ୧୨୦୦ ଶିଳ୍ପୀଙ୍କ ପାଇଁ ନିଜ ଜୀବନକୁ ଉତ୍ସର୍ଗୀକୃତ କଲି ଯୁଗ ଯୁଗ ଧରି ଅନ୍ୟମାନଙ୍କ ଆଜି ପ୍ରେରଣା ହୋଇପାରିଛନ୍ତି ।

ଓଡ଼ିଶାରେ ୬୦ ଭାଗରୁ ଅଧିକ ନିର୍ମାଣ ଶ୍ରମିକମାନଙ୍କର ପଞ୍ଜୀକରଣ ଏପର୍ଯ୍ୟନ୍ତ ରାଜ୍ୟରେ ହୋଇପାରି ନାହିଁ । ଆମ ଦେଶରେ ୧୮ ରୁ ୬୦ ବର୍ଷ ଭିତରେ ୭୦୦ ଲକ୍ଷ ନିର୍ମାଣ ଶ୍ରମିକ ଅଛନ୍ତି ମାତ୍ର ଅଦ୍ୟାବଧି ୧ ମିଲିୟନ ଶ୍ରମିକ ପଞ୍ଜୀକରଣ କରିଛନ୍ତି । ଟ୍ରେଡ୍ ୟୁନିୟନ ମାନଙ୍କୁ ପଞ୍ଜୀକରଣ ଦାୟିତ୍ୱ ଦେଲେ ଶ୍ରମିକମାନେ ଖୁବ୍ ଶୀଘ୍ର ପଞ୍ଜୀକୃତ ହୋଇପାରନ୍ତା । କଲ୍ୟାଣ କୋଷ ଗଠନ ହେଲା କିନ୍ତୁ ବୈଠକ ବସି କୌଣସି ନିଷ୍ପତ୍ତି ନେଲା ନାହିଁ । କଲ୍ୟାଣ ବୋର୍ଡ଼ ଠିକ୍ ଭାବରେ କାର୍ଯ୍ୟକାରୀ ହେଉନଥିବାରୁ ଅଭିଯୋଗ ବାରମ୍ବାର ହୋଇଆସୁଛି । ଆଦାୟ ହେଉଥିବା ଏହି ଅର୍ଥକୁ କୋଷରେ ଗଚ୍ଛିତ ରଖିବା ପାଇଁ ନୁହେଁ । କାନୁନୀ ବ୍ୟବସ୍ଥାକୁ ଅଧିକାରୀମାନେ ଭଲଭାବରେ ବୁଝିବା ଦରକାର । ରିଆସେସମେଣ୍ଟ ସର୍ଭେ କରାଯାଇ ନାହିଁ, ଆପଣଙ୍କର ଦୁର୍ଭାଗ୍ୟ ଯେ ସମଗ୍ର ଭାରତବର୍ଷରେ ଆବଶ୍ୟକତାକୁ ଚିହ୍ନଟ କରାଯାଉ ନାହିଁ । ବିଡ଼ମ୍ବନାର ବିଷୟ ଏହିଯେ ଶ୍ରମିକମାନଙ୍କ ନିମନ୍ତେ ବହୁତ କୋଷ ଗଠନ କରାଯାଇଛି ହେଲେ ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ । ଏ ସମସ୍ତ ବିଷୟ ଜଣେଇବା ପାଇଁ ଶ୍ରମିକ ସଂଗଠନମାନଙ୍କୁ ବିଶ୍ୱାସକୁ ନେବା ଦରକାର । ପଦାଧିକାରୀ ଓ ଆପଣମାନଙ୍କ ମଧ୍ୟରେ ଯେଉଁ ଦୂରତା ରହିଯାଇଛି ତାକୁ କମାଇବା ପାଇଁ ଆପଣମାନଙ୍କୁ ଅଧିକ ପ୍ରୟାସ କରିବାକୁ ପଡ଼ିବ । ନିର୍ମାଣ ଶ୍ରମିକମାନଙ୍କ ପାଇଁ ଧାରାବାହିକ କାର୍ଯକ୍ରମ ଯେପର୍ଯ୍ୟନ୍ତ ନହୋଇଛି ଏ ପଇସା ସେମାନଙ୍କ ପାଖରେ ପହଞ୍ଚିବା କଷ୍ଟକର ।

ଯେପର୍ଯ୍ୟନ୍ତ କଲ୍ୟାଣ କୋଷ ଦାୟିତ୍ୱରେ ରହିଥିବା ପଦାଧିକାରୀମାନେ ସମ୍ବେଦନଶୀଳ ନ ହୋଇଛନ୍ତି, ସେ ପର୍ଯ୍ୟନ୍ତ କୌଣସି କାର୍ଯ୍ୟକ୍ରମକୁ ଚୂଡ଼ାନ୍ତ ରୂପ ଦେବା ସମ୍ଭବ ନୁହେଁ । ପଦାଧିକାରୀମାନଙ୍କୁ ନେଇ କାର୍ଯ୍ୟଶାଳା ହେବା ଦରକାର । ଏଥିରେ ତାଙ୍କୁ ବୁଝାଇଦିଆଯିବା ଦରକାର ସେମାନେ ସବୁବେଳେ ଅନ୍ୟମାନଙ୍କ ପାଇଁ ଭାବିବା ଉଚିତ୍ । ପଦାଧିକାରୀମାନଙ୍କ ମଧ୍ୟରେ ସମ୍ବେଦନଶୀଳତାର ଘୋର ଅଭାବ ରହିଛି । ଆଇନ୍‌କୁ ସଠିକ ଭାବରେ କାର୍ଯ୍ୟକାରୀ କରିବାକୁ ହେବ । ବହୁତ ଗୁଡ଼ିଏ ସହାୟକ ପୁସ୍ତିକା ତିଆରି କରିବାକୁ ପଡ଼ିବ । ମୂଲ୍ୟାଙ୍କନ ମାଧ୍ୟମରେ କ'ଣ ଦୋଷ ତ୍ରୁଟି, ଦୁର୍ବଳତା ରହିଛି ତାହାକୁ ସଂଶୋଧନ କରିବାକୁ ପଡିବ । ପଦାଧିକାରୀମାନଙ୍କର ବାରମ୍ବାର ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯିବା ଦରକାର । ଏଥିପାଇଁ ୫ ଗୋଟି କଥା ଆମକୁ କରିବାକୁ ହେବ । ସେଗୁଡ଼ିକ ହେଲା

(୧) ସରଳ ଭାଷାରେ ବୁକ୍‌ଲେଟ ବାହାର କରିବା, (୨) କାର୍ଯ୍ୟଶାଳା ପରିଚାଳନା କରିବା, (୩) ପଦାଧିକାରୀମାନଙ୍କ ବିବେକୀକରଣ କରିବା, (୪) ସହାୟକ ପୁସ୍ତିକା ବଣ୍ଟନ କରିବା ଓ (୫) କାର୍ଯ୍ୟକ୍ରମର ମୂଲ୍ୟାଙ୍କନ କରିବା

**ଶ୍ରୀ ରବି ସାହୁ (କବି ସୈଲେଜ ରବି):** ନଚିକେତାର ଉଦାହରଣ ଦେଇ କହିଲେ ସଂଘ ନଚିକତା ଦୁର୍ନିତି ବିରୁଦ୍ଧରେ ତା ବାପାଙ୍କ ବିରୁଦ୍ଧରେ ଲଢ଼ିବା ପାଇଁ ସାହାସ ପାଇଥିଲା । ଛାତ୍ରଛାତ୍ରୀମାନଙ୍କ ଭିତରେ ଆମ୍ ବିଶ୍ୱାସ ରହିବା ଦରକାର । ନିର୍ମାଣ ଶ୍ରମିକ ପିଲାମାନଙ୍କ ପାଇଁ ଶିକ୍ଷାବୃତ୍ତି ସହାୟତା କଲ୍ୟାଣ ବୋର୍ଡ଼ ବ୍ୟବସ୍ଥା କରିଛି । ତମ ପାଇଁ ଏହି ଯେଉଁ ଆଇନ୍ ଅଛି କଲେଜ ୟୁନିୟନ ମାଧ୍ୟମରେ ଲଢ଼ ଓ ଚାପ ପ୍ରୟୋଗ କର । ଏହି ଶ୍ରମିକ ପିଲାମାନେ ଯେଉଁ କଷ୍ଟରେ ଓ ଅଭାବ ଅସୁବିଧା ମଧ୍ୟରେ ରହି ପାଠପଢ଼ୁଛ ତାହା ଅବର୍ଣ୍ଣନୀୟ । ଏ ଧରମା ଫାଉଣ୍ଡେସନକୁ ସାଧୁବାଦ ଜଣାଉଛି ସେମାନେ ଏତେ ବଡ଼ ପଦକ୍ଷେପ ନିର୍ମାଣ ଶ୍ରମିକ ପିଲାମାନଙ୍କ ପାଇଁ ନେଇ ପାରିଛନ୍ତି । ଛାତ୍ର ଛାତ୍ରୀମାନେ ଏକଜୁଟ ହୋଇ ପାରିଲେ ଏହି କ୍ଷେତ୍ରର ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ମିଳିପାରିବ ।

**ସମଦୃଷ୍ଟିର ସଂପାଦକ ଶ୍ରୀ ସୁଧୀର ପଟ୍ଟନାଏକ:** ନିର୍ମାଣ କ୍ଷେତ୍ରର ପାଠୁଆ ପିଲାଙ୍କୁ ଗୋଟିଏ ଜାଗାରେ ବସାଯାଇ ସେମାନଙ୍କ ବହୁବିଧା ସମସ୍ୟା ସଂପର୍କରେ ଚର୍ଚ୍ଚା କରାଯାଇପାରୁଛି ତାହା ସବୁଠାରୁ ବଡ଼ କଥା । ଛାତ୍ରଛାତ୍ରୀମାନେ ସଂଗଠିତ ହୋଇ ସମାଜର ବିଭିନ୍ନ ବିଷୟରେ ଚିନ୍ତା ନକଲେ ସମାଜର ପରିବର୍ତ୍ତନ କେମିତି ଆସିବ । ଭାରତର ସୁନ୍ଦର ନିର୍ମାଣ ଦିଗରେ ଆପଣମାନେ ଜଣେ ଜଣେ ବଡ଼ ଦେବତା ଓ ସୈନିକ । ଯେଉଁ ଛାତ୍ର ମେଧାବୀ ହୋଇ ବାହାରୁଛି ସେ କେବଳ ନିଜ କଥା, ନିଜ ପରିବାର କଥା ଚିନ୍ତା କରୁଛି । ଦେଶ ଓ ସମାଜ କଥା ଚିନ୍ତା କରୁନାହିଁ । ଛାତ୍ର ଛାତ୍ରୀମାନେ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଲଢ଼େଇ କରିବା ଦରକାର, ନଚେତ ଆମ ସମାଜ ବ୍ୟବସ୍ଥା ଭୁଷୁଡ଼ି ପଡ଼ିବ ।

ଆଲୋଚନାକୁ ଆଗକୁ ନେଇ ମାନବିକ ଅଧିକାର କର୍ମୀ ଶ୍ରୀ **ବିଶ୍ୱପ୍ରିୟ କାନୁନଗୋ** କହିଲେ ଆମ ସମାଜ ବ୍ୟବସ୍ଥା ଦିନକୁ ଦିନ ଭୁଷୁଡ଼ି ପଡ଼ିବାରେ ଲାଗିଛି । ଛାତ୍ରଛାତ୍ରୀମାନେ ଏକଜୁଟ ହୋଇ ପାରିଲେ ଏହାକୁ ସଜାଡ଼ି ପାରିବେ । ନିର୍ମାଣ ଶ୍ରମିକ ପିଲାଙ୍କର ଏହି ସ୍ୱତନ୍ତ୍ର ଅଧିବେସନ ଆୟୋଜନ କରାଯାଇଛି ତାହା ନିଶ୍ଚିତ ଭାବରେ ଶ୍ରମିକ ଶ୍ରେଣୀ ଆନ୍ଦୋଳନକୁ ସହାୟକ ହେବ ଓ ଏହା ଆମ ସମସ୍ତଙ୍କ ପାଇଁ ଏକ ଶୁଭ ଖବର । ମାତ୍ର ଛାତ୍ରଛାତ୍ରୀମାନେ ଏକଜୁଟ ହୋଇ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବା ଦରକାର । ସମାଜର ଏକ ନିର୍ଦ୍ଦିଷ୍ଟ ବୃତ୍ତିର ଛାତ୍ର ସମାରୋହ ଶ୍ରମିକ ଶ୍ରେଣୀର ନୈତିକ ବଳ ବୃଦ୍ଧି କରିବା ସହ ଶ୍ରମିକମାନଙ୍କ ସମସ୍ୟାକୁ ପାଖରୁ ଦେଖିବା ଓ ବୁଝିବା ପାଇଁ ସୁଯୋଗ ମିଳିପାରିବ ।















**ଶ୍ରୀ ଗୋପୀନାଥ ବାରିକ:** ଅନ୍ୟତମ ଆଲୋଚକ ଭାବରେ ନିଜର ବକ୍ତବ୍ୟ ରଖି କହିଲେ ନିର୍ମାଣ କ୍ଷେତ୍ରର ଶ୍ରମିକମାନଙ୍କୁ ଗୋଟିଏ ସଂଗଠିତ ପ୍ରକ୍ରିୟା ମଧ୍ୟକୁ ଆଣିବା ପାଇଁ ସେମାନଙ୍କ ପିଲାଙ୍କ ସହାୟତା ଲୋଡ଼ା ଯାଇଛି ଯାହା ନିର୍ମାଣ କ୍ଷେତ୍ର ଶ୍ରମିକମାନଙ୍କ ସମସ୍ୟା ବୁଝିବାରେ ସହାୟକ ହେବ । ସେମାନଙ୍କ ପିତାମାତା ଆଜିର ଦିନରେ ଯେଉଁ ସବୁ ସମସ୍ୟାକୁ ସାମ୍ନା କରୁଛନ୍ତି ତାହା ମୂଳ କାରଣ କ'ଣ ଏବଂ କିପରି ଏହା ସମାଧାନ ହୋଇପାରିବ ତାକୁ ଛାତ୍ରଛାତ୍ରୀମାନେ ଖୋଜିବାକୁ ହେବ । ଧରମା ପ୍ରତିଷ୍ଠାନ ଏହି ଅଭିଯାନରେ ନିର୍ମାଣ କ୍ଷେତ୍ରର ପିଲାଙ୍କୁ ଗୋଟିଏ ମଞ୍ଚରେ ଯୋଡ଼ିପାରିଛି ତାହା ସବୁ ଠାରୁ ବଡ଼ କଥା । ନିର୍ମାଣ ଶ୍ରମିକମାନେ କୋଣାର୍କ, ତାଜମହଲ, ନିର୍ମାଣ କରିଛନ୍ତି ସତ ମାତ୍ର ସେମାନେ ଗୋଟିଏ ଜିନିଷ ନିର୍ମାଣ କରିପାରିନାହାନ୍ତି ତାହାହେଲା ନିଜ ପାଇଁ ଖଣ୍ଡେ ଘର ।

ଅଧ୍ୟାପିକା **ଡ଼ଃ ଜୟଶ୍ରୀ ନନ୍ଦ:** ଧରମା ପ୍ରତିଷ୍ଠାନରେ ମୁଁ ସଦସ୍ୟା ହୋଇଥିବାର ନିଜକୁ ଗର୍ବ ଅନୁଭବ କରୁଛି । ଛାତ୍ର ଛାତ୍ରୀ ଓ ଅନ୍ୟମାନେ ଏହି ପ୍ରତିଷ୍ଠାନରେ ସାମିଲ ହେବା ପାଇଁ ମୁଁ ଆହ୍ୱାନ କରୁଛୁ । ନିର୍ମାଣ ଶ୍ରମିକ ପିଲାଙ୍କ ପାଇଁ ଯେଉଁ ଶିକ୍ଷାବୃତ୍ତି ରହିଛି ତାହାକୁ ପିଲାମାନେ କିପରି ପାଇ ପାରିବେ ତାହା ଜାଣୁ ନାହାନ୍ତି । ଖୁବ୍ କମ୍ ସଂଖ୍ୟକ ନିର୍ମାଣ ଶ୍ରମିକ ପିଲା ଏହି ସୁବିଧା ନେଉଛନ୍ତି କାରଣ ସେମାନଙ୍କ ପିତାମାତା ନିଜର ନାମ ପଞ୍ଜୀକରଣ କରି ବୋର୍ଡ଼ରୁ ପରିଚୟପତ୍ର ପାଇପାରିନାହାନ୍ତି । ଯେଉଁମାନେ ପାଇଛନ୍ତି ସେମାନେ ଏ ସଂପର୍କରେ ଅବଗତ ନୁହନ୍ତି । ପ୍ରଥମେ ଶ୍ରମିକ ମାନଙ୍କର ପରିଚୟପତ୍ର କରାଇବା ପାଇଁ ଶ୍ରମିକ ସଂଘମାନଙ୍କୁ ଦାୟିତ୍ୱ ଦେବା ଦରକାର । ଆମେ ଏହି ସଭାରୁ ଗଲାପରେ ଭୁଲିଗଲେ ହେବ ନାହିଁ- ଛାତ୍ର ଛାତ୍ରୀମାନେ ଏହି ପ୍ରକ୍ରିୟାକୁ ଆଗକୁ କେମିତି ନେଇପାରିବେ ତାହା ଉପରେ ବ୍ୟାପକ ଚର୍ଚ୍ଚା ଓ ଆଲୋଚନା କରିବା ଦରକାର ।

ଅଧ୍ୟାପିକା **ଡ଼ଃ ଲିପିପୁଷ୍ପା ନାଏକ** କହିଲେ ଏହି ଧରମା ପ୍ରତିଷ୍ଠାନରେ ସଦସ୍ୟା ହୋଇଛି । ଏପରି ଏକ ଉଦ୍ୟମକୁ ସେ ଉଚ୍ଚ ପ୍ରଶଂସା କରିବା ସହ ଏକ ନିର୍ଦ୍ଦିଷ୍ଟ ଶ୍ରମିକ ଶ୍ରେଣୀ ପିଲାଙ୍କ ସମାରୋହ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉତ୍ସାହ ଓ ଆଗ୍ରହ ସୃଷ୍ଟି କରିବ । ଛାତ୍ର ଛାତ୍ରୀମାନଙ୍କ ଏହି ଶିକ୍ଷାବୃତ୍ତି ସଂପର୍କରେ ସେମାନଙ୍କ ପିତାମାତାଙ୍କୁ ବୁଝାଇବା ଦରକାର । ଶ୍ରମିକର ପରିଚୟପତ୍ର ନଥିଲେ ଛାତ୍ର ଛାତ୍ରୀମାନେ ଶିକ୍ଷାବୃତ୍ତି ପାଇପାରିବ ନାହିଁ । ଯଦି ଆପଣମାନେ ଠିକ୍‌ରେ ଅଛନ୍ତି ତାହେଲେ କାହାକୁ ଡ଼ରିବା ଉଚିତ ନୁହେଁ । ସବୁବେଳେ ଭାବିବେ ଗରିବ ଲୋକଙ୍କ ପାଇଁ କ'ଣ କରିବା ଦରକାର, ନିଜେ ସବୁବେଳେ ସଚେତନ ରହିବେ । ଡ଼ଃ ନାଏକ ଏକ ପ୍ରସ୍ତାବ ରଖିଲେ ଖରା ଛୁଟିରେ ଆଗ୍ରହି ପିଲାମାନଙ୍କୁ ନେଇ ଏକ ଇଂରାଜୀର ସ୍ୱତନ୍ତ୍ର ଶିବିର କରାଗଲେ ସେ ସହଯୋଗ କରିବେ । ଇଂରାଜୀରେ କେମିତି ଲେଖି ପାରିବେ, ପଢ଼ି ପାରିବେ, କହି ପାରିବେ ଓ ବିଭିନ୍ନ ଫର୍ମ ପୂରଣ କରିପାରିବେ ତାହା ସେ ପିଲାମାନଙ୍କୁ ଶିକ୍ଷା ଦେଇ ପାରିବେ ।

ସମାରୋହର ଦ୍ୱିତୀୟ ଅଧିବେସନକୁ ଶ୍ରୀ ରକ୍ଷାକର ଅନୁପମ ସଂଯୋଜନା କରି କହିଲେ ଏହି ନିର୍ଦ୍ଦିଷ୍ଟ ଏକ ବୃତ୍ତିର ପିଲାଙ୍କ ସମାରୋହ ନିଶ୍ଚିତ ଭାବରେ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ନୂଆ ଆଶା ସଂଚାର କରିବ । ଛାତ୍ର ଓ ସେମାନଙ୍କ ଅଭିଭାବକ (ଯେଉଁମାନେ ନିର୍ମାଣ ଶ୍ରମିକ) ବ୍ୟବଧାନକୁ କମ କରିବା ସହ ସାମାଜିକ ସୁରକ୍ଷାକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ।

ବିଶିଷ୍ଟ ସମାଜ ବିଜ୍ଞାନୀ **ଶ୍ରୀ ମାନସ ଜେନା** କହିଲେ ରାଜ୍ୟରେ ନିର୍ମାଣ ଶ୍ରମିକ ଆଇନ୍ କାର୍ଯ୍ୟକାରୀ ହେଉଛି ସତ ମାତ୍ର ରାଜ୍ୟରେ ହଜାର ହଜାର ଶ୍ରମିକଙ୍କ ନାମ ଏପର୍ଯ୍ୟନ୍ତ ପଞ୍ଜୀକରଣ ହୋଇ ନାହିଁ- ଯେଉଁଥି ପାଇଁ ପିଲାମାନେ ଶିକ୍ଷା ବୃତ୍ତିରୁ ବଞ୍ଚିତ ହେଉଛନ୍ତି । ଦୁଃଖର ବିଷୟ ଯେ ଆମ ଦେଶରେ ବହୁତ ପ୍ରକାର ଯୋଜନା ରହିଛି ହେଲେ ଲୋକଙ୍କ ପାଖରେ ଠିକ୍ ଭାବରେ ପହଞ୍ଚି ପାରୁ ନାହିଁ । ଶ୍ରମିକମାନେ ଶିକ୍ଷା ଅଧିକାର, ସ୍ୱାସ୍ଥ୍ୟ ଅଧିକାର ପାଇବା ପାଇଁ ଦେଶ ଓ ରାଜ୍ୟରେ ଆଇନ୍ ରହିଛି କିନ୍ତୁ ଆମ ରାଜ୍ୟରେ ଓ ଦେଶରେ ସରକାରୀ ବ୍ୟବସ୍ଥା କାର୍ଯ୍ୟକାରୀ ହୋଉ ନାହିଁ । ନିର୍ମାଣ ଶ୍ରମିକମାନଙ୍କ ପାଇଁ ଯେଉଁ କଲ୍ୟାଣ କୋଷ ଗଠିତ ହୋଇଛି ତାହା ଶ୍ରମିକମାନଙ୍କର କଷ୍ଟାର୍ଜିତ ଅର୍ଥ । ସରକାର ଦୟାକରି ଦେଉନାହାନ୍ତ ବା ଏହା ସରକାରଙ୍କ ଅର୍ଥ ନୁହେଁ । ଆମେ ସମସ୍ତେ ଭାରତର ନାଗରିକ ଦେଶର ଯେଉଁ ରାଜକୋଷ ଅଛି, ଜମି, ଜଙ୍ଗଲ ଓ ଖଣିଜ ସଂପଦ ରହିଛି ସେଥିରେ ମଧ୍ୟ ଆମର ପୂର୍ଣ୍ଣ ଅଧିକାର ଅଛି । ସେହି ଅଧିକାର କ'ଣ ପାଇଁ ମିଳୁନାହିଁ, କ'ଣ ପାଇଁ ଆମେ ଗରିବ, ଆମ ପାଖରେ କ'ଣ ପାଇଁ ବିଭିନ୍ନ ସୁବିଧା ସୁଯୋଗ ଏବେବି ଅପହଞ୍ଚ ହୋଇ ରହିଛି- ତାହା ଛାତ୍ରଛାତ୍ରୀମାନେ ଚିନ୍ତା କରିବା ଓ ବୁଝିବା ଦରକାର । ସରକାର ଶିକ୍ଷା ଓ ସମାଜିକ ନିରାପତ୍ତା ପାଇଁ ବହୁତ କମ୍ ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ଆମେରିକା, ଚାଇନା ଓ ୟୁରୋପ ଦେଶମାନଙ୍କରେ ଶିକ୍ଷା ଓ ସାମାଜିକ ନିରାପତ୍ତା ଲାଗି ବହୁ ଅର୍ଥ ଖର୍ଚ୍ଚ କରୁଛନ୍ତି । ମଣିଷ ପିଲା ଶିକ୍ଷିତ ନ ହେଲେ ଆମ ଦେଶର ପରିବର୍ତ୍ତନ ହୋଇପାରିବ ନାହିଁ । ଛାତ୍ର ଛାତ୍ରୀମାନେ ସଂଗଠିତ ହେବା ସହ ନିଜର ହକ୍ ଓ ଅଧିକାର ସଂପର୍କରେ ଅବଗତ ହେବା ଦରକାର ।

ରିପବ୍ଲିକାନ ପାର୍ଟିର ରାଜ୍ୟ ସଭାପତି **ସେକ ଅବଦୁଲ ୱାଲି** କହିଲେ ସାମାଜିକ ସୁରକ୍ଷା ଆମ ଦେଶର ଶେଷ ବିଚାର । ସମାଜରେ ଅସମତା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ରୋକିବା ପାଇଁ ଛାତ୍ର ଛାତ୍ରୀ ମାନଙ୍କର ଦାୟିତ୍ୱ ରହିଛି । ଆଜିର ଏହି ଛାତ୍ର ସମାରୋହ-ଏକ ନିର୍ଦ୍ଦିଷ୍ଟ ଶ୍ରମିକ ଶ୍ରେଣୀ ପିଲାମାନଙ୍କୁ ନେଇ କରାଯାଉଛି, ଯାହା ଛାତ୍ର ଛାତ୍ରୀମାନେ ସଂଗଠିତ ପ୍ରକ୍ରିୟାକୁ ବୁଝିବାରେ ସହାୟକ ହେବ । ସେମାନେ ବୁଝିଲେ ଶ୍ରମିକମାନଙ୍କୁ ବୁଝାଇପାରିବେ । ନିଜର ହକ୍ ଓ ଅଧିକାର ପାଇବା ପାଇଁ ନିଜର ପିତାମାତାଙ୍କ ସହ ଛିଡ଼ା ହୋଇ ନିଜର ହକ୍ ପାଇପାରିବେ ।

ସାମ୍ବାଦିକ ଓ ସମାଜସେବୀ **ଶ୍ରୀ ଅମିୟ ପାଣ୍ଡବ:** ଛାତ୍ର ମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ଧରମା ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଏହି ଛାତ୍ର ସମାରୋହ ନିଶ୍ଚିତ ଭାବରେ ଛାତ୍ର ଛାତ୍ରୀମାନଙ୍କୁ ସମାଜ ଓ ଶ୍ରମିକମାନଙ୍କ ସମସ୍ୟା ବିଷୟରେ ଭାବିବା ପାଇଁ ଉତ୍ସାହିତ କରିବ । ସମାଜର ଗଠନମୂଳକ କାମରେ ଛାତ୍ର ଛାତ୍ରୀମାନେ ଆଗେଇ ଆସିବା ଦରକାର । ପରିତାପର ବିଷୟ ଏହିଯେ ନିର୍ମାଣ ଶ୍ରମିକମାନଙ୍କ ପିଲାମାନଙ୍କ ପାଇଁ ଯେଉଁ ଶିକ୍ଷାବୃତ୍ତି ସହାୟତା ନିର୍ମାଣ ଶ୍ରମିକ କଲ୍ୟାଣ କୋଷରୁ ପାଉଛନ୍ତି, ସେ ବିଷୟରେ ଅଧ୍ୟକ୍ଷ, ଅଧ୍ୟାପକ ଓ ଅଧ୍ୟାପିକାମାନେ ମଧ୍ୟ ଜାଣିନାହାନ୍ତି । ସରକାର ନିର୍ମାଣ ଶ୍ରମିକମାନଙ୍କ ପାଇଁ ଯେଉଁ ନୀୟମ ପ୍ରଣୟନ ହୋଇଛି ତାହା ଆମେ ସମ୍ପୂର୍ଣ୍ଣ ଭାବରେ ଜାଣିବା ଓ ବୁଝିବା ଦରକାର । ଏ ଜାତି ଯେତେବେଳେ କୃତଜ୍ଞତା ଜ୍ଞାପନ କରିବାକୁ ଯାଉଛି ଆପଣଙ୍କ ସକ୍ରିୟ, ସଂପୃକ୍ତି ଓ ସହଯୋଗ ବିନା ଅସମ୍ଭବ । ଗୋଟିଏ ଜାତି, ଗୋଟିଏ ସମାଜର ଆପଣମାନେ ଆଗାମୀ ଦିନର ପିଢ଼ି । ଆପଣମାନେ ଭୁଲିଯିବା ଉଚିତ ନୁହେଁ ଯେଉଁ କୋଣାର୍କ ନିର୍ମାଣ ହୋଇଛି ତାହା ଏହି ଶିଳ୍ପି ସମୁଦାୟଙ୍କ ଶ୍ରମ ଓ ସାଧନାରେ ।

ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବାବୁଲୁ ନାଏକ, କିଶୋର ମାଝି, ଅଭୟ ବଳବନ୍ତରାୟ, ମାନସ ରାଉତ, ବିଜୟ କୁମାର ପରିଡ଼ା, ଦିପକ କୁମାର ପରିଡ଼ା, ଅଞ୍ଜନା ଜେନା, ନମୀତା ରାଉତ ଓ ଜ୍ୟୋର୍ତିମୟି ନିଜର ମତାମତ ରଖିଥିଲେ ।

ଶେଷରେ ପ୍ରଗତିଶୀଳ ଶ୍ରମିକ ମଞ୍ଚର ପଶ୍ଚିମ ଓଡ଼ିଶା ଆବାହିକା ଶ୍ରୀମତି ସୁଷମା ସାହୁ ସମସ୍ତଙ୍କୁ ସାଧୁବାଦ ଜଣାଇ ଧନ୍ୟବାଦ ଦେଇ ଥିଲେ ।

## ସରକାର ଓ ପ୍ରଶାସନର ଦୃଷ୍ଟିକୁ...

ଅଭିନବ ଉଦ୍ୟମ ଓ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ତାହା ଅବଶ୍ୟ ଅଭିନନ୍ଦନୀୟ ।

ସେହିପରି କଲେଜ୍ ପିଲାମାନଙ୍କୁ ଷ୍ଟାଇପେଣ୍ଡ ଦିଆ ଯିବାର ଯେଉଁ ଘୋଷଣା ହୋଇଛି ତାହା ମଧ୍ୟ ଅତ୍ୟନ୍ତ ନୈରାଶ୍ୟଜନକ । ଧର୍ମକୁ ଆଖିଠାର ପରି । କାରଣ ଅନେକ ସ୍ଥାନରେ ଏହା ସଂପୃକ୍ତ କଲେଜର ଅଧ୍ୟକ୍ଷ ବା ପ୍ରିନ୍ସିପାଲ୍‌ଙ୍କ ଦ୍ୱାରା ବା ଅନୁଗ୍ରହ ଅଧିନସ୍ତ ବୋଲି ଶୁଣା ପଡୁଛି । ସେମାନେ ଚାହିଁଲେ ପିଲା ପାଉଛନ୍ତି ନତୁବା ନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ । ସରକାରୀ ନୀତିନିୟମରେ ଥିବା ହୁଗୁଲାପଣ ବା ଦୋଷ ଦୁର୍ବଳତା ଯୋଗୁଁ ପିଲାଏ ଏହାର ସୁବିଧା ପାଇ ପାରୁ ନାହାନ୍ତି । ତେଣୁ ହାଇସ୍କୁଲ ସ୍ତରରେ ଅର୍ଥାତ୍ ଅଷ୍ଟମ ଶ୍ରେଣୀର ପିଲାମାନଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏମାନଙ୍କୁ ସରକାରୀ ପ୍ରୋତ୍ସାହନ ବା ସହାୟତା ଯୋଗାଇ ଦିଆଗଲେ ଅଧିକ ଫଳପ୍ରଦ ହୋଇପାରନ୍ତା ତେଣୁ ଏ ଦିଗରେ ମଧ୍ୟ ଦୃଷ୍ଟି ଦିଆଯାଉ ।

ତେଣୁ କେମିତି ଯୋଜନା ଜରିଆରେ ଏମାନଙ୍କ ପିଲାଙ୍କ ପ୍ରତି ଧ୍ୟାନ ଦିଆଯିବ, ବିପଦଜନକ ଓ ଦୁର୍ଘଟଣା ପ୍ରବଣ କାର୍ଯ୍ୟସ୍ଥଳୀରୁ ଉଦ୍ଧାର କରି ସେମାନଙ୍କର ଯତ୍ନ ସହିତ ଶିକ୍ଷା ଓ ସ୍ୱାସ୍ଥ୍ୟର ବ୍ୟବସ୍ଥା କରାଯିବ ଏବଂ ଯୁଗ ଯୁଗ ଧରି ଅବହେଳିତ ଅଲୋଡ଼ା ଅପାଂକ୍ତେୟ ଓ ଅଣଦେଖା ହୋଇ ଚାଲିଆସିଥିବା ଏହି ବିଶାଳ ଜନସଂଖ୍ୟାର ଭବିଷ୍ୟତ ବଂଶଧରକୁ ଅନ୍ଧାରରୁ ଉଦ୍ଧାର କରାଯିବ ସେ ନେଇ ବ୍ୟାପକ ବିମର୍ଶ ଓ ସରକାରୀ ସହଭାଗିତାର ଆବଶ୍ୟକତା ପ୍ରତି ଦୃଷ୍ଟି ଦେବାର ସମୟ ଆସିଯାଇଛି । ଆଶା ଆଗକୁ ଏନେଇ ଶୁଭ ସୂର୍ଯ୍ୟ ଉଦୟ ହେବ ନିଶ୍ଚୟ ।

**ସମ୍ପାଦକ: ଅକ୍ଷର ଓ ଅଙ୍ଗୀକାର**
**କଳସପୁର, ଆଳି, କେନ୍ଦ୍ରାପଡ଼ା**

## ଲାଲ ପାଗୋଡ଼ାର ପ୍ରେତ

- ରବି ସିଂ

ଏ ପାପୀ ଜାତିର
ମୁଁ ଏକା ପୁଣ୍ୟବାନ୍,
ହେଲେ ବି ତ୍ୟକ୍ତ
ମୁଁ ପରିତ୍ୟକ୍ତ
ଏ ମାଟିର ସନ୍ତାନ୍ ।
ଯେହେତୁ ଦେଖିଛି
ମୁହିଁ ମୋ ଜାତିର
ଭାଲେ ବାରୁଦର ଟୀକା,
ସେ ହେତୁ ହୃଦୟ
ଟେକିଛି ଆଜି ଏ
ରକ୍ତ-ରୁଦ୍ର-ଶିଖା...
ସେ ହେତୁ ଦୁଃଖେ
ଏଇ କବିତାର ଲେଖା ।
ମୁଁ ଶୁଣିଛି ସେହି
ବାଳୁତ-ବିଧୁର
କ୍ଷୁବ୍ଧ-ଅଧୀର ଗାଥା,
ମୁଁ ଦେଖିଛି ତାର
କଅଁଳ ବୁକୁରେ
ଜଳିଥିବା କେତେ ଚିତା ।
ସେ ଚିତା ଜଳୁଛି ଏବେ ...
ଯେ ଯିବ ଦେଖିବ
ଚନ୍ଦ୍ରଭାଗାର
ସିନ୍ଧୁ-କିନାରେ ତେବେ ।
ଯେଉଁଠାରେ କେବେ
ବାରଶ' ନିହଶ
ଦିନେ ଉଠିଥିଲା ହସି,
ଯେଉଁଠାରେ କେବେ
ବାରଶ' ବିଧାତା
ଯାପିଥିଲେ କେତେ
ଶ୍ରମ-ଘର୍ମିଳ-ନିଶି .....
ଅ-ମଳିନ ହସ ହସି !
ଶିଳ୍ପକଳାର
ସବୁ କୌଶଳ
ଯହିଁ ହୋଇଥିଲା ସ୍ତବ୍ଧ,
ନିଷ୍ଫଳତାରେ
ଯହିଁ ଶୁଭିଥିଲା
ଶିଳା ଖସିବାର ଶବ୍ଦ
ମହାଶୂନ୍ୟର ତୀରୁ......
ଅଭ୍ରଂଲିହ
ସୂର୍ଯ୍ୟରଥର ଶିରୁ ।
ଦୁର୍ଜୟ ତେବେ
ରହିଯିବ ହାୟ
ପ୍ରସ୍ତରେ ଗଢା
ସୂର୍ଯ୍ୟ ରଥର ଚୂଡ଼ା,
ଭୀମକାୟ ଏକ
ବିସ୍ମୟ ଆସି
ସବୁରି ମନରେ
ଯେବେ ହୋଇଥିଲା ଛିଡା;
ଶୀତ-ଶୈତ୍ୟରେ
ବରଫ-ବଜ୍ର ସମ,
ଯେବେ ଆସିଥିଲା
ରାଜାର ଆଦେଶ
ମୁଣ୍ଡି ନ ମରି
କୋଣାର୍କ ଯେବେ
ହୋଇବନି ଶେଷ,
ସରିବନି ଯେତେ କାମ;
ବାରଶ' ବିଧିର
ଶିରଛେଦ କରି
ହସିବ ହସିବ ଯମ ।
ମହା-ମରଣର
ସେହି ଭୀତି ତଳେ
ଆଶା-ସଞ୍ଚାର କରି,
ହସି ହସି ହସି
ପ୍ରତିଭାର ଶଶୀ
ଯେବେବେଳେ ଉଠିଲା
ଆକାଶ ବତାସ ଚିରି
ଟେକିଲା ଊର୍ଦ୍ଧ୍ୱେ
ଐନ୍ଦ୍ରଜାଳିକ ହାତ,
କାଉଁରୀ-ପରଶେ
ମୁଣ୍ଡି ମରିଲା
ଅଚଳ ସୂର୍ଯ୍ୟରଥ ।

(ପ୍ରଖ୍ୟାତ ଓ ବିପ୍ଳବୀ କବି ଶ୍ରୀ ରବି ସିଂଙ୍କ ଦ୍ୱାରା ୧୯୬୩ ମସିହାରେ ପ୍ରକାଶିତ "ଲାଲ ପାଗୋଡ଼ାର ପ୍ରେତ ଓ ଅନ୍ୟାନ୍ୟ କବିତା"ରୁ ଉଦ୍ଧୃତ ।)

## ଧରମା ଫାଉଣ୍ଡେସନ ଟ୍ରଷ୍ଟ୍ ଲକ୍ଷ୍ୟ ଓ ଉଦ୍ଦେଶ୍ୟ

- ଅଧାରୁ ପାଠ ଛାଡୁଥିବା ନିର୍ମାଣ ଶ୍ରମିକ ପିଲାମାନଙ୍କ ମଧ୍ୟରେ ଥିବା ଅର୍ନ୍ତନିହିତ ପ୍ରତିଭାକୁ ଠାବ କରି ସେମାନଙ୍କ ମଧ୍ୟରେ ଥିବା କଳାକୃତି, ସାମର୍ଥ୍ୟ ଓ ସୃଜନାତ୍ମକତାର ବିକାଶ ଘଟାଇବା ସହ ଶିଶୁଙ୍କୁ ପୁଣି ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ପ୍ରୟାସ କରିବା;
- ଅଧାରୁ ପାଠ ଛାଡି ଓ କାମରେ ନିୟୋଜିତ ନିର୍ମାଣ କ୍ଷେତ୍ରର ସମସ୍ତ ଶିଶୁମାନଙ୍କୁ ଚିହ୍ନଟ କରି କେଉଁ ପ୍ରକାର କାର୍ଯ୍ୟରେ ସେମାନଙ୍କର ଆଗ୍ରହ ରହିଛି ତାହା ନିର୍ଣ୍ଣୟକରି ତଦନୁ ରୂପ କାର୍ଯ୍ୟରେ ତାକୁ ଯୋଡ଼ିବା ଓ ଗଢ଼ିବା ପାଇଁ ପ୍ରୟାସ କରିବା;
- ନିର୍ମାଣ କ୍ଷେତ୍ରର ଶ୍ରମିକ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଯଥା ଚିତ୍ରକଳା, ନାଚ, ସଂଗୀତ ଓ କ୍ରୀଡ଼ା ଇତ୍ୟାଦି ଆୟୋଜନ କରି ସେମାନଙ୍କ ମନୋବଳ ଓ ଉତ୍ସାହ ବୃଦ୍ଧି କରିବା ସହ ସୃଜନାତ୍ମକ ଓ କଳାତ୍ମକ ଶିକ୍ଷା ନିମନ୍ତେ ପ୍ରତ୍ସୋହନ ଦେବା;
- ନିର୍ମାଣ କ୍ଷେତ୍ରର ଶ୍ରମିକ ପିଲାମାନଙ୍କ କଳାକୃତି ଓ ସୃଜନାତ୍ମକତାର ବିକାଶ ନିମନ୍ତେ ଏକ ସ୍ୱତନ୍ତ୍ର ବିଦ୍ୟାଳୟ "ଶ୍ରମିକ ବିଦ୍ୟାପୀଠ" ସ୍ଥାପନ କରିବା ଏବଂ ସେହି ବିଦ୍ୟାଳୟରେ ଶିକ୍ଷାଲାଭ ସହ ଚିତ୍ର କଳା, ନୃତ୍ୟ, ରଚନା ଲେଖା, ଶିଶୁ ସାମ୍ବାଦିକତା ଓ ବକ୍ତୃତା ପ୍ରତିଯୋଗିତା ଇତ୍ୟାଦିରେ ଶିକ୍ଷାପ୍ରଦାନ କରିବା;
- ନିର୍ମାଣ କ୍ଷେତ୍ରରେ ସମସ୍ତ ଛାତ୍ର ଛାତ୍ରୀଙ୍କୁ ରାଜ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ପ୍ରଦତ୍ତ ଶିକ୍ଷା ବୃତ୍ତି ସହାୟତା ସଂପର୍କରେ ଅବଗତ କରାଇବା ସହ ଏହାକୁ ମିଳିବାରେ ସହଯୋଗ କରିବା;
- କୋଠା ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଆଇନ୍- ୧୯୯୬ କୁ ବ୍ୟାପକ ଓ ଅବିକଳ ଭାବରେ କାର୍ଯ୍ୟକାରୀ କରିବା ପାଇଁ ପ୍ରୟାସ କରିବା;
- ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ଆଲୋଚନା ସଭା ଆୟୋଜନ କରି ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ପ୍ରଦାନ କରୁଥିବା ଶିକ୍ଷାବୃତ୍ତି ସହାୟତା ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ଶିକ୍ଷା ବୃତ୍ତି ଅର୍ଥ ବୃଦ୍ଧି କରିବା ପାଇଁ ଚାପ ପ୍ରୟୋଗ କରିବା;
- ଶିକ୍ଷାଲାଭ କରିବାର ଅଧିକାର, ବିକାଶର ଅଧିକାର, ଅଂଶଗ୍ରହଣର ଅଧିକାର, ଖେଳକୁଦ କରିବାର ଅଧିକାର ଓ ପ୍ରତିଭା ବିକାଶର ଅଧିକାର ସଂପର୍କରେ ଛାତ୍ର ଛାତ୍ରୀଙ୍କୁ ଅବଗତ କରାଇବା;



ନିର୍ମାଣ ଶ୍ରମିକ ପିଲାଙ୍କ ସ୍ୱତନ୍ତ୍ର ଅଧିବେସନ

# ଧରମାର ଏ ଅଭିଯାନ କାହିଁକି (୨)

## (ନିର୍ମାଣ ଶ୍ରମିକ ନେତୃତ୍ୱ ପରିଚାଳିତ ପ୍ରକ୍ରିୟାରୁ ଶିଶୁ ଅଧିକାର ପ୍ରକ୍ରିୟା ପର୍ଯ୍ୟନ୍ତ)

ଧରମାର ଏହି ଅଭିଯାନ ଏକ ନିର୍ଦ୍ଦିଷ୍ଟ ଶ୍ରମିକ ଗୋଷ୍ଠି ବିଶେଷକରି ନିର୍ମାଣ କ୍ଷେତ୍ରର ଶ୍ରମିକ ପିଲାଙ୍କ ପାଇଁ ଉଦ୍ଦିଷ୍ଟ । ଏହି ଶ୍ରମିକ ଶ୍ରେଣୀର ପିଲାମାନେ ଶିକ୍ଷା ଓ ସ୍ୱାସ୍ଥ୍ୟପରି ମୌଳିକ ସୁବିଧାରୁ କ୍ରମାଗତ ଭାବେ ବଞ୍ଚିତ ହୋଇ ରହି ଆସିଛନ୍ତି । ଏହି କ୍ଷେତ୍ରରେ ନିୟୋଜିତ ରହିଥିବା ଏହି ଶ୍ରମିକମାନଙ୍କ କାମ ଖୁବ୍ କମ୍ ସମୟ ମଧ୍ୟରେ କାମ ବଦଳିବା ସହ ମାଲିକ ବଦଳିଯାଇଥାଏ । ନୂଆ କାମ ଉପଲବ୍ଧ ହେଉଥିବା ସ୍ଥାନକୁ ଶ୍ରମିକ ପିଲାଛୁଆଙ୍କୁ ଧରି ଚାଲିଯିବାକୁ ହୋଇଥାଏ । ଏହା ଶ୍ରମିକ ପିଲାର ଶିକ୍ଷାରେ ଘୋର ପ୍ରତିବନ୍ଧକ ସୃଷ୍ଟି କରିଥାଏ ଓ ଅନେକ କ୍ଷେତ୍ରରେ ଅଧା ରାସ୍ତାରେ ପାଠ ଠପ ହୋଇଯାଇଥାଏ । ଅନ୍ୟ ଅନେକ ପିଲାଙ୍କ ପରି ଏହି ପିଲାମାନଙ୍କର ହସିବା, ଖେଳିବା, ନାଚିବା, ଗୀତ ଗାଇବା, ଶିକ୍ଷା ପାଇବା ଓ ଭାଗନେବାର ଅଧିକାର ରହିଛି ମାତ୍ର ଏହି ପିଲାଙ୍କ ପାଇଁ ଆଜିବି ତାହା ଅପହଞ୍ଚ । ଆଜି ଯିଏ ଶ୍ରମିକ ହୋଇଛି ତାର ପରପିଢ଼ୀ ସେହି ଶ୍ରମିକ ଭାବରେ ଉଭା ହେଉଛି । ପିଢ଼ୀପରେ ପିଢ଼ୀ ପରମ୍ପରା ଭାବେ ଏହିସବୁ କାମକୁ ଆପଣାଇବାକୁ ବାଧ୍ୟ ହେଉଛି । ଏହି ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାସ ନିମନ୍ତେ ଧରମାର ଏହି ସ୍ୱତନ୍ତ୍ର ପ୍ରୟାସ । ଚେଷ୍ଟା କରୁଛୁ ଅଧାରୁ ଶ୍ରେଣୀ କୋଠରୀ ଛାଡ଼ି ଚାଲିଯାଉଥିବା ପିଲାଙ୍କୁ ଶିକ୍ଷାର ମୁଖ୍ୟସ୍ରୋତକୁ ଫେରାଇ ଆଣିବ ଯାହା ଏହି କ୍ଷେତ୍ରର ପିଲାଙ୍କର ଭବିଷ୍ୟତ ନିର୍ମାଣ ହେବା ସଙ୍ଗେ ସଙ୍ଗେ ଦେଶର ବିକାସରେ ସେମାନେ ଏକ ଭୂମିକା ନେଇ ପାରିବେ । ଏହି ବାଟରେ ହୁଏତ ଭବିଷ୍ୟତର ମାନବ ପୁଞ୍ଜିର ଅବକ୍ଷୟକୁ କିଛି ମାତ୍ରାରେ ରୋକା ଯାଇପାରିବ ।

ଧରମା କୋଣାର୍କର ମୁଣ୍ଡିମାରି ସୁନିଶ୍ଚିତ ମୁଣ୍ଡକାଟରୁ ଯେପରି ୧୨୦୦ ଶିଳ୍ପୀଙ୍କୁ ନିଜର କଳାକୁଶଳତା ଓ ପାରଦର୍ଶିତା ଦେଖାଇ ଜୀବନ ରକ୍ଷାକରି ପାରିଲେ ତାହା ବିଶ୍ୱର ଶିଳ୍ପୀ ସମୁଦାୟଙ୍କ ପାଇଁ ଗର୍ବ ଓ ଗୌରବର ପ୍ରତୀକ ହୋଇପାରିଛି ଏବଂ ତାହା ଆଜିବି ଆମକୁ ପ୍ରେରଣା ଦେଉଛି । ଆଜିର ଶିଳ୍ପୀ ସମୁଦାୟ ଓ ଆମ ସମସ୍ତଙ୍କ ପାଇଁ ସେ ପ୍ରତୀକ ହୋଇ ରହିଛନ୍ତି । ତାଙ୍କର ସ୍ମୃତିକୁ ତାଜା ରଖିବା ପାଇଁ ଧରମା ପ୍ରତିଷ୍ଠାନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ଆୟୋଜନ କରାଯାଉଛି । ଏହି ସବୁ କାର୍ଯ୍ୟକ୍ରମ ଆୟୋଜନ କରିଛୁ, ଯେତେବେଳେ ଓଡ଼ିଶାର ମାଟି, ମାଟି ତଳର ସମ୍ପଦ, ପାଣିପବନ ଏବଂ ଅଡ଼ିନାରୀ ଅନିୟମିତ କ୍ଷେତ୍ର ଶ୍ରମିକର ବଞ୍ଚିବାର ହକ ଓ ଅଧିକାର କର୍ପୋରେଟ- କମ୍ପାନୀର ଲୋଲୁପ୍ୟ ଦୃଷ୍ଟିରେ । ସାମାଜିକ ସୁରକ୍ଷାକୁ ପ୍ରତ୍ୟାହାର କରି ନେବା ଓ ଏହି ବଞ୍ଚିତ ଶ୍ରମଜୀବୀଙ୍କୁ ସେମାନଙ୍କ ଜୀବନ ଓ ଜୀବୀକା ନେଇ ଯେପରି ବ୍ୟସ୍ତ ରଖାଯାଉଛି ସେମାନେ ଆଉ ସଂଘବଦ୍ଧ ହୋଇ ସେମାନଙ୍କ ହକ୍ ଓ ଅଧିକାର ପାଇଁ ହୋଇ ପ୍ରତିବାଦ କରି ପାରିବେ ନାହିଁ । ହକ୍ ଓ ଅଧିକାର ପାଇଁ ଶ୍ରମିକ ସଂଘ ଏକ ମାଧ୍ୟମ ହୋଇ ରହି ଆସିଥିଲା, ମାତ୍ର ସଂଘକୁ କର୍ପୋରେଟ ଓ କମ୍ପାନୀ ଲୋକଙ୍କ ଚାପରେ ଦୁର୍ବଳ କରାଯାଉଛି । ଶ୍ରମିକ ସଂଘର ଲଢ଼େଇକୁ ହାତାଦର କରିବା ସଂଗେ ସଂଗେ ଛଟେଇ କରିଦେବାର ଧମକ ଦିଆଯାଉଛି । କମ୍ପାନୀ ଓ ମାଲିକ ସହ ଶ୍ରମିକର ମୂଲଚାଲ କରିବାର ପ୍ରକ୍ରିୟାକୁ ଚକ୍ରାନ୍ତ କରି ଦୁର୍ବଳ କରିଦିଆଯାଉଛି । ଶ୍ରମିକ ଖାଇବାକୁ ନପାଉ, ସହାୟତା କ'ଣ ତାକୁ ମିଳୁ ବା ନମିଳୁ, ସାମାଜିକ ନିରାପତ୍ତା ଥାଉ ବା ନଥାଉ ଶିଳ୍ପରେ ଲାଭକରିବାକୁ ହେବ । ମୁନାଫାର ପାହାଡ଼ ତିଆରି କରିବାକୁ ହେବ । କମ୍ପାନୀ କର୍ତ୍ତୃପକ୍ଷଙ୍କ ଏହି ପ୍ରକାର କୌଶଳ ଓ ଆକ୍ରମଣରେ ଶ୍ରମିକ ନିଜକୁ ଅତି ଅସୁରକ୍ଷିତ ଓ ଅସହାୟ ସର୍ବଦା ମନେକରୁଛି । ଜଗତୀକରଣ ଓ ଘରୋଇକରଣ ଯୁଗରେ ଏକାକୀ ହୋଇ ବଡ଼ ଶକ୍ତି ବିରୁଦ୍ଧରେ ଲଢ଼େଇ କରିବା ସମ୍ଭବ ହେଉନାହିଁ । ତାର ଅଧିକାରକୁ ଅପହୃତ କରିବା ପାଇଁ ନିର୍ମାଣ କ୍ଷେତ୍ରରେ ଠିକାଦାର ଓ ବିଲଡ଼ରମାନେ ତୟାର ହୋଇ ବସିଛନ୍ତି । ଠକାମି ଓ ଶୋଷଣରେ ଶ୍ରମିକ ଅଣନିସ୍ୱାସୀ ହୋଇ ପଡ଼ୁଛି, ଶ୍ରମିକ କେଉଁଠି ଧୋକା ପାଇ ମାନସିକ ଆଘାତରେ ଘରକୁ ଫେରୁଛି । ସହଯୋଗୀ ଶ୍ରମିକର ସାହାଯ୍ୟ ଚାହିଁ ମଧ ମିଳୁନାହିଁ ଆହୁରି ହତାଶ ହେବାକୁ ହେଉଛି । ଅନ୍ୟ ଉପାୟ ନପାଇ ଭାଗ୍ୟ ଓ ଭଗବାନ ଉପରେ ଛାଡ଼ି ଦେଉଛି । ଶ୍ରମିକର ଏହି ଅବସ୍ଥାର ସୁଧାର ଓ ସମାଧାନ ପାଇଁ ଶ୍ରମିକର ପିଲାଙ୍କୁ ହାତ ବଢ଼ାଇବା ପାଇଁ ଓ ଏକ ଶ୍ରମିକ ଶୋଷଣ ବିରୋଧି ବିନ୍ଦୁରେ ମିଳିତ ହୋଇ ଲଢ଼େଇ କରିବା ପାଇଁ ଆହ୍ୱାନ କରୁଛି । ଏହି ଆହ୍ୱାନ ପଛରେ ଶ୍ରମିକ ଶ୍ରେଣୀ ଓ ତା'ପରିବାରର ସ୍ୱାର୍ଥ ରହିଛି । ତାହା ହେଉଛି ଶ୍ରମିକଙ୍କୁ ସାମାଜିକ ନିରାପତ୍ତା, ନିଯୁକ୍ତିର ନିରାପତ୍ତା ଓ ଉଚିତ ପ୍ରାପ୍ୟ । ଶ୍ରମିକର ଏହି ଅସହାୟତା ଓ ଏକାକୀ ପଣିଆକୁ ଆମ୍ଭେ ନିକଟରୁ ଦେଖିଲା ପରେ ସେମାନଙ୍କ ପିଲାଙ୍କ ସହାୟତା ଓ ସହଯୋଗ ଲୋଡ଼ିବାକୁ ଉଚିତ ମନେକଲୁ । ଯାହା ଶ୍ରମିକର ପିଲା ସମୁଦାୟ ବ୍ୟବସ୍ଥାକୁ ବୁଝିବା ସହ ଶ୍ରମିକ ନେତୃତ୍ୱ ପରିଚାଳିତ ପ୍ରକ୍ରିୟାକୁ ଅତି ନିକଟରୁ ଦେଖିବ ଓ ପରଖିବ । ପିଲାମାନଙ୍କର ବୁଝିବାର ଯେଉଁ ଅନୁଭୂତି ହେବ ତାହା ତାକୁ ସମାଜର ଗଠନ ମୂଳକ କାର୍ଯ୍ୟରେ ସାମିଲ କରିବା ସହ ନିର୍ମାଣ କ୍ଷେତ୍ରର ଶ୍ରମ ଅର୍ଥନୀତି, ଶିଳ୍ପ ଅର୍ଥନୀତି ଓ ନିର୍ମାଣ ଶ୍ରମିକର ଦେଶକୁ ଅବଦାନ ଇତ୍ୟାଦିକୁ ବୁଝିବାରେ ସହାୟକ ହେବ । ତାହାହୋଇ ପାରିଲେ ଫୁଲା ଫାଙ୍କା ହୋଇ ବୁଲୁଥିବା ଏହି ଯୁବକମାନେ ଏହି କ୍ଷେତ୍ରରେ ରହିଥିବା ନିଯୁକ୍ତି ସୁଯୋଗକୁ ଅଧ୍ୟୟନ କରିବାରେ ସୁଯୋଗ ପାଇବେ ।

ଶ୍ରମିକ ପିଲାଙ୍କୁ ଶ୍ରମିକମାନଙ୍କ ସମସ୍ୟାସହ ଯୋଡ଼ିବା ପଛରେ ଯେଉଁ ମହତ୍ତ ଉଦ୍ଦେଶ୍ୟ ରହିଛି ତାହା ପୂରଣ ହେବାରେ ସହାୟକ ହେବ । ଧରମା କରିଥିବା କାମରେ ନିଜକୁ ପରିଚିତ କରିବା ସହ ନିର୍ମାଣ କ୍ଷେତ୍ରକୁ ଶ୍ରମିକ ସୁରକ୍ଷାକୁ ନୂଆ ଦିଶା ଦେଇପାରିବ । ନିର୍ମାଣ କ୍ଷେତ୍ର ଠିକାଦାର, ପେଟି ଠିକାଦାର ଓ ଶ୍ରମିକ ଠିକାଦ୍ୱାରା ପରିଚାଳିତ ହୋଇଆସୁଥିବା ଗୋଲକ ଧନ୍ଦାକୁ ବୁଝିବା ସହ ଛୋଟ, ମଧ୍ୟମ ଓ ବଡ଼ କମ୍ପାନୀ ମାନଙ୍କ ରାଜନୀତି କଥା ବୁଝି ପାରିବ । ଶ୍ରମିକର ତ୍ରିପାକ୍ଷିକ ଆଲୋଚନାକୁ ଆଗେଇନେବା ସହ ଧରମାର ଏହି ସାଂସ୍କୃତିକ ପ୍ରତିରୋଧ ବଞ୍ଚିତ ମଣିଷକୁ ବିଶେଷକରି ନିର୍ମାଣ କ୍ଷେତ୍ରର ଶିଳ୍ପୀ ସମୁଦାୟଙ୍କ ମନରେ ନୂଆ ଆଶା ସଂଚାର କରିବ । ଶ୍ରମିକ ପିଲାଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭା, କଳାକୃତି ଓ ସୃଜନାତ୍ମକତାକୁ କଳାତ୍ମକ ରୂପ ଦେବା ସହ ସେହି ପ୍ରତିଭାକୁ ପ୍ରତ୍ସୋହନ ଦେବା ଲକ୍ଷରେ ଧରମାର ଏହି ଅଭିଯାନ । ଅଧାରୁ ଶ୍ରେଣୀ କୋଠରୀ ଛାଡ଼ି ଚାଲିଯାଉଥିବା ଶ୍ରମିକ ପିଲାଙ୍କ ମଧ୍ୟରେ ଥିବା ପ୍ରତିଭାକୁ ଠାବକରି ସେମାନଙ୍କୁ ପୁନର୍ବାର ଶିକ୍ଷାର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବାର ଏହା ଏକ ପ୍ରୟାସ । ଧରମା ପକ୍ଷରୁ କରାଯାଇଥିବା ଏହି ଅଭିଯାନକୁ ଆଗେଇନେବା ପାଇଁ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଦ୍ୟାଳୟମାନଙ୍କରେ ଆଲୋଚନା ସଭା ଆୟୋଜନ କରି ଧରମା ପ୍ରତିଷ୍ଠାନରେ ସଭ୍ୟୋଭୁକ୍ତ କରାଯାଉଛି । ସେହି ପିଲାମାନଙ୍କର ସୃଜନାତ୍ମକତାର ବିକାସ ନିମନ୍ତେ ଶିଶୁ ମହୋତ୍ସବ ଆୟୋଜନ କରି ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଓ ସାହାସ ତିଆରି କରୁଛି । ଶ୍ରମିକ ପିଲାମାନଙ୍କୁ ସଂଗଠିତ କରି ସେମାନଙ୍କ ମନୋବଳ ବୃଦ୍ଧି କରିବ ସହ ସେମାନଙ୍କ ନିମନ୍ତେ ଶିକ୍ଷାବୃତ୍ତି ସହାୟତାକୁ ଠିକ ସମୟରେ ଉପଲବ୍ଧି କରିବା ପାଇଁ ଉଦ୍ୟମ ଜାରି ରଖିଛି ।

ଏହି ଅଧ୍ୟୟନ କରୁଥିବା ପିଲାଙ୍କର ହାଲତ ଦେଖିଲା ପରେ ଲାଗୁଛି ଯୁବକମାନେ ଆଜିର ଜନଜୀବନରେ ଅତୀ ବେପରବାୟ ଓ ଲଗାମହୀନ ହୋଇପଡ଼ିଛନ୍ତି । ଆଜିର ଏହି ବାସ୍ତୁବାଦୀ ଦୁନିଆ ଓ ପାଶ୍ଚାତ୍ୟ ସଭ୍ୟତାରେ ଛାତ୍ର ଛାତ୍ରୀମାନେ ଅନେକ ଭାବରେ ପ୍ରଭାବିତ । ପାଠ ପଢ଼ିବା ପାଇଁ ନା ତାର ଅଛି ଆଗ୍ରହ ନା ଅଛି ପିତାମାତାଙ୍କ ବୃତ୍ତି, ବ୍ୟବସାୟ ଓ ଜୀବିକାକୁ ସହଯୋଗ କରିବାର ସାମାନ୍ୟ ଇଛା । ଦିନ ତମାମ ହାଡ଼ଭଙ୍ଗା ପରିଶ୍ରମ କରି ଯାହା କିଛି ମଜୁରି ବୃଦ୍ଧ ପିତାମାତା ଆଣୁଛି ତାଠାରୁ ଅର୍ଥ ହଡ଼ପକରି ନିଜର ସଉକ ପାଇଁ ପିଲା ଦାମୀ ମୋବାଇଲ କିଣୁଛି । ଭାଉଚର ଭରି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ସାଥୀମାନଙ୍କ ସହ ଗପୁଛି । ନେଟ୍‌ରେ ଲଙ୍ଗଳା ଛବି, ଭୋଜିଭାତ ଏବଂ ଖଟିରେ ମଉଜ ଓ ମଜଲିସରେ ସମୟ କାଟୁଛି । ପରୀକ୍ଷାରେ ଫେଲ ମାରି ଅଧାରୁ ପାଠ ଛାଡିବାକୁ ପଡୁଛି । କେଉଁ ଗୋଟିଏ କାମ ପାଇଁ ସେ ଯୋଗ୍ୟ ହୋଇପାରୁନାହିଁ । ବାପା ମାଆ ଯଦି କିଛି ତାଗିଦ କଲେ ନାଲି ଆଖି ଦେଖାଇ ଧମକଦେଉଛି । ପିତାମାତା ନୀରବ ଦ୍ରଷ୍ଟ ହେବାକୁ ବାଧ୍ୟ ହେଉଛନ୍ତି । ଅଭିଭାବକ ଏଠି ନାଚାର । ଶ୍ରମିକଟି ମଥା ପିଟୁଛି କିଯୁଗ ହେଲା, କ'ଣ ମଣିଷ ନ ଦେଖିଲା !

ସ୍ୱଳ୍ପ ମଜୁରିରେ ଗୁଜୁରାଣ ମେଣ୍ଟାଉଥିବା ଏହି ଶ୍ରମିକମାନେ ପରିବାରର ଛୋଟିଆ ସମସ୍ୟାଟିଏ ଆସିଲେ ନାକେଦମ ହୋଇପଡ଼ନ୍ତି । ଆହା କରିବାକୁ କେହି ନାହାନ୍ତି । ମାନସିକ ଅଶାନ୍ତି , ଆର୍ଥିକ ଚାପ ଏବଂ ସାମାଜିକ ଭାବରେ ବିଛିନ୍ନ ହୋଇ ପଡିଥିବା ଏହି ଶ୍ରମିକ ପାଇଁ ସବୁ ଦିଗ ଅନ୍ଧାର । ବହୁ କ୍ଷେତ୍ରରେ ମଣିଷ ଏଠି ଏକାକୀ ହୋଇପଡୁଛି । ଏକାକୀ ହେବା କାରଣରୁ ଆଜିର ଦୁନିଆରେ ସେ ବେଶୀ ଭୟଭୀତ ହୋଇ ରହୁଛି । ଭୟଭୀତ କରାଉଥିବା ଏହି ପୁଞ୍ଜିବାଦୀ-ଉର୍ଦ୍ଧସାମନ୍ତବାଦୀ ବ୍ୟବସ୍ଥାର ଲକ୍ଷଣ । ନିର୍ମାଣ କ୍ଷେତ୍ରର ଶ୍ରମିକ ପିଲା ଯେଉଁମାନେ ଶିକ୍ଷା ଲାଭ କରୁଛନ୍ତି ସେମାନଙ୍କୁ ଶିକ୍ଷାବୃତ୍ତି ସାହାଯତା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଦେବା ପାଇଁ

ବ୍ୟବସ୍ଥା କରିଛି । ମାତ୍ର ଯେଉଁ ଛାତ୍ର ଛାତ୍ରୀମାନେ ଦରଖାସ୍ତ ଦେଉଛନ୍ତି ସେମାନଙ୍କ ଦରଖାସ୍ତ କେଉଁଠି ନାକଚ ହେଉଛି ତ ଆଉ କେଉଁଠି ବିଚାର ହୋଇ ପଇସା ମିଳିଲା ବେଳକୁ ସଂପୃକ୍ତ ଛାତ୍ରଛାତ୍ରୀ ମହାବିଦ୍ୟାଳୟ ଛାଡ଼ି ଚାଲିଯିବା ପରେ ମଧ୍ୟ ଉପଲବ୍ଧ ହେଉନାହିଁ । ହାତ ଗଣତୀ କିଛି ପିଲା ଉଚ୍ଚଶିକ୍ଷା ଲାଭ କରିବା ପାଇଁ ଇଚ୍ଛୁକ ମାତ୍ର ଏହି ଅହେତୁକ ବିଳମ୍ବ କରାହେଲେ ସେମାନେ ପାଠ ପଢ଼ିବେ କିପରି ? ଅଧିକାଂଶ ଦରଖାସ୍ତ ବିଚାର ନହୋଇ ମାସ ମାସ ଧରି ପଡ଼ିରହୁଛି । ଏହି କାରଣ ପାଇଁ ଛାତ୍ର ଛାତ୍ରୀ ମାନେ ଉଚ୍ଚ ଶିକ୍ଷା କରିବା ପାଇଁ ନିରୁତ୍ସାହିତ ହେଉଛନ୍ତି । ଏହି ଛାତ୍ରବୃତ୍ତି ଅର୍ଥ ସରକାରଙ୍କ ବ୍ୟୟବରାଦର ଅର୍ଥ ନୁହେଁ ବରଂ ଏହା ଶ୍ରମିକମାନଙ୍କର କଷ୍ଟଲବ୍ଧ ଅର୍ଥ । ଶ୍ରମିକର ଉପାର୍ଜିତ ଅର୍ଥ ଯାହା କଲ୍ୟାଣ କୋଷରେ ଗଚ୍ଛିତ କରି ରଖାଯାଇଛି । ଛାତ୍ର ଛାତ୍ରୀମାନେ ନିଜେ ଏହି ବୃତ୍ତିଭିତ୍ତିକ ଶିକ୍ଷାବୃତ୍ତି ସହାୟତା ସଂପର୍କରେ ଅବଗତ ହେବା ଦରକାର । ପିତାମାତାଙ୍କ ହାତରେ ନିଜର ଛାତ୍ରବୃତ୍ତି ଦରଖାସ୍ତ ପଠାଇ ଘରେ ବସିଲେ ହେବ ନାହିଁ । ଦରଖାସ୍ତ କଲାବେଳେ ପିତା କିମ୍ବା ମାତାଙ୍କ ପରିଚୟପତ୍ର (ନିର୍ମାଣ ଶ୍ରମିକ କାର୍ଡ଼) ଏଥିସହ ସଲଂଗ କରି ଦେବାକୁ ହେବ ଏବଂ ଏହି ଦରଖାସ୍ତ କେଉଁ ଅଧିକାରୀଙ୍କ ପାଖରେ କେତେ ଦିନ ପଡ଼ି ରହିଲା ଏବଂ କାହିଁକି ବିଳମ୍ବ ଘଟୁଛି ତାହା ଛାତ୍ରଛାତ୍ରୀମାନେ ପ୍ରଥମେ ଜାଣିବା ଦରକାର । ଛାତ୍ର ନିଜେ ଜାଣିଲେ ଓ ବୁଝିଲେ ସେ ଏହାର ରାସ୍ତା ସେ ନିଜେ ବାହାର କରିପାରିବ । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଶ୍ରମ ସଂସ୍କୃତି ପ୍ରତି ବୈରାଗ୍ୟତା ରହିଥିବାରୁ ଆଜି ସେ ବାଟ ହୁଡୁଛି । ସମାଜର ଯେ କୌଣସି ଶ୍ରମ ପ୍ରତି ଆଜିର ଛାତ୍ରଛାତ୍ରୀ ଯେପରି ବିମୁଖ ହେଉଛନ୍ତି ତାହା ଆମ ଶ୍ରମ ସଂସ୍କୃତିର (work culture) ଘୋର ପରିପନ୍ଥୀ । ଏହି ଛାତ୍ର ଛାତ୍ରୀମାନେ ନିର୍ମାଣ କ୍ଷେତ୍ର ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟାର ପ୍ରତିନିଧିତ୍ୱ କରି ସେମାନଙ୍କ ସମସ୍ୟାକୁ ଦୃଷ୍ଟି ଦେବାକୁ ହେବ । ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଶ୍ରମ ପ୍ରତି ରହିଥିବା ବିମୁଖତାକୁ ଦୂର କରିବା ଓ ପିଲା ଓ ଅଭିଭାବକ ମଧ୍ୟରେ ରହୁଥିବା ଦୂରତାକୁ କମାଇବା ପାଇଁ ଆଜିର ଏହି ସମାରୋହ ଓ ଆଲୋଚନା ଯଥେଷ୍ଟ ନହୋଇ ପାରେ ।

## ନିର୍ମାଣ ଶ୍ରମିକ ପିଲାଙ୍କ ଆଞ୍ଚଳିକ ସମାରୋହ ଅନୁଷ୍ଠିତ

**(ଶ୍ରମିକମାନଙ୍କୁ ସାମାଜିକ ନିରାପତ୍ତା ଓ ସେମାନଙ୍କ ପିଲାଙ୍କୁ ଶିକ୍ଷା ସହାୟତା ପ୍ରଶ୍ନ ନେଇ ଶ୍ରମିକ ଓ ଶ୍ରମିକ ପିଲା ସାମ୍ନାସାମ୍ନି)**

ଝାରସୁଗୁଡ଼ା: ସ୍ଥାନୀୟ ଶିଳ୍ପାଞ୍ଚଳ ଶ୍ରମିକ କାର୍ଯ୍ୟାଳୟଠାରେ ଗତ ତା ୬ ଜାନୁୟାରୀ ଧରମା ପ୍ରତିଷ୍ଠାନରୁ ଏକ ଆଞ୍ଚଳିକ ସମାରୋହ ଓ ଆଲୋଚନା ସଭା ଅଧାପିକା **ଡ଼ଃ ସଂଗୀତା ନାଏକଙ୍କ** ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । କ୍ୟୁବାର ପ୍ରାକ୍ତନ ରାଷ୍ଟ୍ରପତି ଫିଦେଲ କାଷ୍ଟ୍ରୋଙ୍କ ମୃତ୍ୟୁରେ ଏକ ଶୋକ ପ୍ରସ୍ତାବ ନିଆଯାଇ ୨ ମିନିଟ ନୀରବ ପ୍ରାଥନା କରାଯାଇଥିଲା । ପ୍ରଗତିଶୀଳ ଶ୍ରମିକ ମଞ୍ଚର ସୁଷମା ଓ ଅନ୍ୟ ସାଥୀମାନେ "ଏ କୈସି ଆଜାଦୀ ହେ" ସଂଗୀତ ପରିବେଷଣ କରିଥିଲେ । **ସୁଶ୍ରୀ ସୁବନ୍ତି** ଧରମା ପ୍ରତିଷ୍ଠାନର ଲକ୍ଷ ଓ ଉଦ୍ଦେଶ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ ।

ସଭାରେ **ଶ୍ରୀ ଏ. ଆର. ଅନୁପମ** ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ଏହାର ଉଦ୍ଦେଶ୍ୟ ସଂପର୍କରେ ପ୍ରାରମ୍ଭିକ ସୂଚନା ଦେଇ କହିଲେ ଆଜିର ଏହି ଆଲୋଚନା ସ୍ୱତନ୍ତ୍ର ଭାବେ ନିର୍ମାଣ ଶ୍ରମିକମାନଙ୍କ ପିଲାମାନଙ୍କୁ ନେଇ କରାଯାଇଛି । ଧରମା କୋଣାର୍କ ମନ୍ଦିର ମୁଣ୍ଡିମାରି ୧ ୨ ୦ ୦ ଶିଳ୍ପୀଙ୍କ ଜୀବନ ବଞ୍ଚାଇ ମହାନ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ହୋଇ ପାରିଥିଲେ । ମାତ୍ର ତା' ରାଜ୍ୟର ପିଲାମାନେ ଆଜି ପଙ୍ଗୁ ହୋଇ ପଡ଼ି ରହୁଛନ୍ତି । ଧରମାର କାମ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିପାରୁ ନାହିଁ । କେବଳ କୋଣାର୍କ ମନ୍ଦିରକୁ ନେଇ ଆମ୍ଭେ କବିତା ଲେଖୁଛୁ । ଧରମା କରିଥିବା କାମର ଓ ସେହି ଅବଦାନକୁ ଆଜିର ଶିଳ୍ପୀ କୂଳ ଭୁଲିଯିବା ଘୋର ପରିତାପର ବିଷୟ । ଓଡ଼ିଶାର ଶିଳ୍ପୀ ସମୁଦାୟ ଦିନେ ତାର ପରିଚୟ ହରାଇ ବସିବ । ଧରମା ପ୍ରତିଷ୍ଠାନ ପକ୍ଷରୁ ମହାବିଦ୍ୟାଳୟ ମାନଙ୍କରେ "ନିର୍ମାଣ ଶ୍ରମିକ ପିଲାଙ୍କୁ ଶିକ୍ଷାବୃତ୍ତି ସହାୟତା" ଶୀର୍ଷକ ଆଲୋଚନା ସଭା ଆୟୋଜନ କରି ଛାତ୍ର ଛାତ୍ରୀମାନଙ୍କୁ ସଚେତନ କରାଯାଇ ଧରମା ଫାଉଣ୍ଡେସନରେ ସଭ୍ୟ/ସଭ୍ୟା କରାଯାଇଥିଲା, ଏହି ଆଲୋଚନା କରିବା ଅବସରରେ ଯେଉଁ ଉପଲବ୍ଧି ଆମର ହୋଇଛି ତାହା ଜାଣିଲେ ଆଶ୍ଚର୍ଯ୍ୟ ହେବେ । ମହାବିଦ୍ୟାଳୟର ଅଧିକାଂଶ ପିଲା କଲେଜ ବନାନ ଠିକ ଭାବରେ ଲେଖି ପାରୁ ନାହାନ୍ତି । ସେଥିରେ ପିତାମାତା କହୁଛନ୍ତି ମୋ ପୁଅ ଝିଅ କଲେଜ ଯାଉଛି । ଶ୍ରମିକ ମାନଙ୍କ ସମସ୍ୟା ଆଲୋଚନା କରିବାକୁ ଚାହିଁଲେ ଶିକ୍ଷକ କହୁଛି ପରୀକ୍ଷା ପାଇଁ ଛାତ୍ର ଛାତ୍ରୀ ବ୍ୟସ୍ତ ରହୁଛନ୍ତି । କ'ଣ ସତରେ ପିଲାଙ୍କୁ ପାଠ ପଢ଼ାଯାଉଛି, ଯଦି ତାହା ହେଉଛି ତେବେ ହଜାର ହଜାର ପିଲା କାହିଁକି ବେକାର ହୋଇ ବୁଲୁଛନ୍ତି । ଛାତ୍ର ଛାତ୍ରୀଙ୍କ ପିତାମାତା ଯେଉଁମାନେ ନିର୍ମାଣ କ୍ଷେତ୍ରର ଶ୍ରମିକ ଏହି ସଭାରେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଭାବରେ ଯୋଗଦେବା ପାଇଁ ଆମନ୍ତ୍ରଣ କରାଯାଇଛି । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଶିକ୍ଷାଲାଭ କରୁଥିବା ଏହି ଛାତ୍ର ଛାତ୍ରୀମାନେ ସମାଜ, ପରିବାର, ଜୀବିକା ଓ ଗଣତାନ୍ତ୍ରୀକ ବ୍ୟବସ୍ଥା ସଂପର୍କରେ କେତେ ବୁଝିଛନ୍ତି ଓ କେତେ ବୁଝିନାହାନ୍ତି ସେ ସଂପର୍କରେ ଆଲୋଚନା ନିମନ୍ତେ ସାମ୍ନା ସାମ୍ନି ଶ୍ରମିକ ଓ ତାର ପିଲାଙ୍କୁ କରାଯାଇଥିଲା । ସଂପ୍ରତି ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଏହି ପିଲାମାନେ ସମାଜରେ ଘଟୁଥିବା ଘଟଣାବଳୀ ସଂପର୍କରେ ଜାଣିବା ଓ ବୁଝିବା ପାଇଁ କାହିଁକି ଆଗ୍ରହ ପ୍ରକାଶ କରୁଛନ୍ତି ତାହା ଜାଣିବା ପାଇଁ ଏପରି ଏକ ପ୍ରୟାସ ଆରମ୍ଭ କରାଯାଇଛି । ସମାଜର ଗଠନମୂଳକ କାମଠାରୁ ଛାତ୍ର ଛାତ୍ରୀମାନେ କେଉଁ ସବୁ କାରଣ ପାଇଁ ଦୂରେଇ ଯାଉଛନ୍ତି । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଯେଉଁ ଶିକ୍ଷା ଦିଆଯାଉଛି ତାହା ଛାତ୍ରମାନଙ୍କ ଭବିଷ୍ୟତ ନିର୍ମାଣରେ କାହିଁକି ଅଦରକାରୀ ସାବ୍ୟସ୍ତ ହେଉଛି । ଯାହା ହଜାର ହଜାର ଛାତ୍ରଛାତ୍ରୀଙ୍କୁ କର୍ମନିଯୁକ୍ତି ଓ ଜୀବିକା ଯୋଗାଇ ଦେବା ବଦଳରେ ବେକାର ଓ ବେରୋଜଗାର ମଧ୍ୟକୁ ଠେଲି ଦେଉଛି । ଏହି ଛାତ୍ର ଛାତ୍ରୀମାନେ ଅସାମାଜିକ କାମ, ମଜାମଜଲିସ, ଭୋଜିଭାତ, ଇଣ୍ଟରନେଟ୍‌ରେ ଲଙ୍ଗଳା ଚିତ୍ର, ଚୋରି, ଡ଼କାୟତି ଓ ନିଶା ସେବନରେ ମାତୁଛନ୍ତି । ଏହିମାନେ ସମାଜରେ ବୋଝ ଭାବରେ ବର୍ତ୍ତମାନ ସାବ୍ୟସ୍ତ ହେଉଛନ୍ତି । ଅନ୍ୟପକ୍ଷରେ ପିଲାମାନଙ୍କୁ ନେଇ ପିତାମାତାଙ୍କର ସ୍ୱପ୍ନ ମଧ୍ୟ ଧୂଳିସାତ ହେବାରେ ଲାଗିଛି । ପିତାମାତାଙ୍କର ସମୁଦାୟ ଦୁଃଖ ହେଉଛି ପିଲାମାନଙ୍କୁ ଏତେ ପାଠ ପଢ଼ାଇଲା ପରେ ସେମାନେ ସମାଜ ଓ ପରିବାରର କୌଣସି ଗୋଟିଏ କାମରେ ସେ ଆସିପାରୁନାହାନ୍ତି । ବହୁବର୍ଷ ବେକାର ଓ ବେରୋଜଗାରୀ





ହୋଇ ଘରେ ବସି ରହିବା ଫଳରେ ସେ ମାନସିକ ଭାରସାମ୍ୟ ହରାଇ ହତାସ ହୋଇ ପଡୁଛି । ଆମ ଶିକ୍ଷା ବ୍ୟବସ୍ଥାରେ କଣ ସବୁ ଭୁଲ ଭଟ୍‌କା ରହିଯାଇଛି, ଯାହା ଛାତ୍ର ଛାତ୍ରୀମାନଙ୍କୁ ଏହି ଶିକ୍ଷା ଜୀବିକାର୍ଜନର ରାସ୍ତା ଦେଖାଇ ପାରୁ ନାହିଁ । ଏହି ବିଷୟକୁ ନେଇ ବ୍ୟାପକ ଚର୍ଚ୍ଚା ଓ ଆଲୋଚନା କରିବା ପାଇଁ ଏପରି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ସମାଜର ଗଠନମୂଳକ କାମରେ ହେଉ ଅବା ନିଜ ପରିବାରର ପେଟପାଟଣା ପାଇଁ ହେଉ ଛାତ୍ର ଛାତ୍ରୀମାନେ କିପରି ଉପଯୋଗୀ ହୋଇ ପାରିବେ ସେଥିପାଇଁ ଶିକ୍ଷାନୁଷ୍ଠାନ ଓ ଗବେଷକମାନେ ଏ ସଂପର୍କରେ ତୁରନ୍ତ ଯତ୍ନବାନ ହେବା ଦରକାର । ନଚେତ୍ ହଜାର ହଜାର ପିଲାଙ୍କ ଭବିଷ୍ୟତ ଯେପରି ଭାବରେ ଓ ଅନିଶ୍ଚିତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଉଛି ତାହା ସଭ୍ୟ ସମାଜ ପାଇଁ ବଡ଼ ଆହ୍ୱାନ ଭାବରେ ଦେଖାଦେଇଛି । ଏପରି ଧାରା ଯଦି ଆଗାମୀ ଦିନମାନଙ୍କରେ ଚାଲୁ ରହେ ତେବେ ସମାଜ ଓ ଦେଶର ଭବିଷ୍ୟତ କ'ଣ ହେବ ଓ କେଉଁଠି ପହଞ୍ଚିବ । ସାମାଜିକ ଓ ଗଣତାନ୍ତ୍ରିକ ବ୍ୟବସ୍ଥା ଧୂଳିସାତ ହେବା ନିଶ୍ଚିତ । ଏଥିରୁ ପିଲାମାନଙ୍କୁ କିପରି ନିବୃତ୍ତ କରାଯାଇପାରିବ ଏବଂ ସେମାନଙ୍କ ଜୀବିକା ସହ ଯୋଡ଼ା ଯାଇ ପାରିବ ତାହା ସବୁଠାରୁ ବଡ଼ ପ୍ରଶ୍ନ ।

ନିର୍ମାଣ କ୍ଷେତ୍ରର ଶ୍ରମିକ ପିଲାଙ୍କ ନିମନ୍ତେ ଏକ ଛାତ୍ରବୃତ୍ତି ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ବ୍ୟବସ୍ଥା କରିଛି । ଛାତ୍ର ଛାତ୍ରୀମାନେ ତାହାର ସୁଯୋଗ ନେଇ ପାରୁନାହାନ୍ତି । ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧକ୍ଷମାନେ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି । ଆମ ସମାଜ ଗଢୁଥିବା ଶିକ୍ଷାନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ମାନଙ୍କର ଆସବାବପତ୍ର ନିର୍ମାଣ କରୁଥିବା ଏହି ଶ୍ରମିକ ମାନଙ୍କ ବିଷୟ କାହିଁକି କଲେଜ ଓ ବିଦ୍ୟାଳୟମାନଙ୍କ ପାଠ୍ୟ ପୁସ୍ତକରେ ସ୍ଥାନୀତ କରାଯାଇ ନାହିଁ । ଯେଉଁଥିପାଇଁ ଛାତ୍ର ଛାତ୍ରୀମାନେ ଏତେବଡ଼ ପ୍ରଗତିଶୀଳ ଆଇନ୍ ସଂପର୍କରେ ଅବଗତ ହୋଇପାରୁ ନାହାନ୍ତି ।

ଏହି ସବୁ ସମସ୍ୟାକୁ ଦେଖିଲାପରେ ଧରମା ପ୍ରତିଷ୍ଠାନ ନିର୍ମାଣ କ୍ଷେତ୍ରର ପିଲାମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଅଧିବେସନ କରିବା ପାଇଁ ପ୍ରୟାସ ଆରମ୍ଭ କରିଛୁ । ଶ୍ରମିକର ହକ୍ ଓ ଅଧିକାର ସଂପର୍କରେ ଶ୍ରମିକଙ୍କୁ ଅବଗତ କରିବା ସହ ସେମାନଙ୍କ ପିଲାମାନଙ୍କୁ ଏହି ପ୍ରକ୍ରିୟା ମଧ୍ୟରେ ଯୋଡ଼ିବା ପାଇଁ ଉଦ୍ୟମ ଅବ୍ୟାହତ ରଖିଛୁ । ଚେଷ୍ଟା କରୁଛି ଅସଂଗଠିତ ଶ୍ରମିକମାନଙ୍କୁ ଯୋଡ଼ି ସେମାନଙ୍କ ଲଢ଼େଇକୁ ଆଗକୁ ନେବାରେ ଏହି ପିଲାମାନେ ଅଗ୍ରଭାଗରେ ରହିବେ । ଛାତ୍ର ଛାତ୍ରୀମାନେ ସେହି ଲଢ଼େଇର ଅଂଶ ବିଶେଷ ହୋଇପାରିଲେ ସରକାରଙ୍କ ଉପରେ ଚାପ ସୃଷ୍ଟି ହେବ ଶ୍ରମିକ ଶ୍ରେଣୀକୁ ଯେଉଁ ଫାଇଦା ମିଳିବ ତାହା ସେମାନଙ୍କ ପିଲାମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ସହାୟକ ହେବ । ଏହି ଛାତ୍ର ଛାତ୍ରୀମାନଙ୍କୁ ସମାଜର ଗଠନମୂଳକ କାମ ସହ ଯୋଡ଼ିବା ଓ ପିତା ମାତା କରୁଥିବା କାମ ସଂପର୍କରେ ସଚେତନ କରାଇବା ଲକ୍ଷରେ ଧରମା ମଞ୍ଚ ଅଙ୍ଗୀକାରବଦ୍ଧ ।

ଏପରି ଏକ ଛାତ୍ର ଛାତ୍ରୀମାନଙ୍କର ସମାରୋହକୁ ଉଦ୍‌ଘାଟନ କରି ବିଶିଷ୍ଟ ବୁଦ୍ଧିଜୀବୀ ସମାଜ ଚିନ୍ତକ ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର **ଡ଼ଃ ମନୋରଞ୍ଜ ମହାନ୍ତି** କହିଲେ ଏକ ନିର୍ଦ୍ଦିଷ୍ଟ ବୃତ୍ତିର ଛାତ୍ର ଛାତ୍ରୀମାନଙ୍କ ସହ ସିଧା କଥା । ଏକ ଅଭିନବ ପ୍ରୟାସ ଯାହା ଧରମା ଫାଉଣ୍ଡେସନ ଏଠାରେ ଆୟୋଜିତ କରିଛି । ସେ ଏହାକୁ ଉଚ୍ଚ ପ୍ରଂଶସା କରି ଆହୁରି କହିଲେ ଛାତ୍ର ଓ ସେମାନଙ୍କର ଅଭିଭାବକଗଣ ଏକାଠି ବସି ଆଲୋଚନା କରିବା ନିଶ୍ଚିତ ଭାବରେ ଏକ ଶୁଭ ସଂକେତ ଓ ନିଆରା କାର୍ଯ୍ୟକ୍ରମ । ଛାତ୍ର ଛାତ୍ରୀମାନେ ଅନିୟମିତ କ୍ଷେତ୍ର ବିଶେଷ କରି ନିର୍ମାଣ କ୍ଷେତ୍ର ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଓ ସମ୍ଭାବନାକୁ ବୁଝିବାରେ ଏହା ସହାୟକ ହେବ । ପ୍ରଫେସର ମହାନ୍ତି ଆହୁରି ଛାତ୍ର ଛାତ୍ରୀମାନଙ୍କ ଉଦେଶ୍ୟରେ କହିଲେ ଆମ ରାଷ୍ଟ୍ର ହେଉଛି ଜନମଙ୍ଗଳ ରାଷ୍ଟ୍ର । ଦେଶରେ ମାତ୍ର ୧୦ ଭାଗ ଲୋକ ଆହୁରି ଆହୁରି ଧନି ହେବାରେ ଲାଗିଛନ୍ତି । ଏହି ବ୍ୟବସ୍ଥାରେ ବେଶୀ କ୍ଷତି ହେଉଛି ଆଦିବାସୀ, ଦଳିତ ଓ ପଛୁଆବର୍ଗର ଲୋକ । ଗୋଟିଏ ଯୁଗଥିଲା ଦୟା ଓ ଦାନର ଯୁଗ, ଆଉ ଗୋଟିଏ ହେଲା କଲ୍ୟାଣର ଯୁଗ, ଏବେ ହକ୍ ଓ ଅଧିକାରର ଯୁଗ । ଆମେ କହୁଛୁ ଶିକ୍ଷା ଆମର ଜନ୍ମଗତ ଅଧିକାର, ଆମେ ତାହା ପାଇବା ଦରକାର । ଶ୍ରମିକ ତାର ହକ୍ ପାଇବ, ଶ୍ରମିକଙ୍କ ପିଲା ତାର ଶିକ୍ଷା ଲାଭ କରିବାର ସୁଯୋଗ ଓ ଅଧିକାର ପାଇବ । କେବଳ ଚାକିରି ନୁହେଁ, ସବୁ ପଞ୍ଚାୟତ ସବୁ ଗ୍ରାମରେ ଲୋକେ ବିଭିନ୍ନ ପ୍ରକାର କାମ ପାଇବା ଦରକାର, କୃଷି ଓ ଅନ୍ୟାନ୍ୟ ଯୋଜନାରେ ମଧ୍ୟ । ଦୁନିଆର ସବୁ ପୁଅ ଝିଅ, ଭାଇଭଉଣୀମାନେ ବୁଝିବା ଦରକାର ଓଡ଼ିଶା କାହିଁକି ଦରିଦ୍ର? ଏଠି ଯେଉଁ ଖଣି ସମ୍ପଦ ଅଛି ତାହାକୁ ବାହାରକୁ ପଠେଇ ଦିଆଯାଉଛି । ରାଉରକେଲାଠାରେ ବୃହତ ଇସ୍ପାତ କାରଖାନା ପ୍ରତିଷ୍ଠା କରାଗଲା, ମାତ୍ର ଛୋଟ ଛୋଟ କାରଖାନା ହେବାର ଆବଶ୍ୟକତା ଥିଲା ତାହା ହେଲା ନାହିଁ । ଏବେ ଏହା ଶୋଷଣର କେନ୍ଦ୍ର ପାଲିଟିଛି । ରାଉରକେଲା, ସୁନ୍ଦରଗଡ଼, ରାୟଗଡ଼ା, ପାରାଦୀପ ଓ କଳିଙ୍ଗ ନଗର ଏହା ଗୋଟାଏ, ଗୋଟାଏ ଶୋଷଣର କେନ୍ଦ୍ର ହୋଇଛି । ଓଡ଼ିଶାରେ ଗୋଟାଏ ନିର୍ମାଣର ଯୁଗ ଆରମ୍ଭ ହୋଇଛି । ନୀତି ନିୟମ ବିଷୟରେ ଅବଗତ ହୋଇ କାମ କରିବା ଦରକାର, ତାହା ହେଲେ ଆମ ଲକ୍ଷସ୍ଥଳରେ ପହଞ୍ଚିପାରିବା ।

ବିଶିଷ୍ଟ କର୍ମଚାରୀନେତା **ଶ୍ରୀଯୁକ୍ତ ଅନୀଲ ମହାନ୍ତି** କହିଲେ ଶ୍ରମିକ ଓ ସେମାନଙ୍କ ପିଲା ସାମାଜିକ ନିରାପତ୍ତା ଦାବୀ ନେଇ ଏକଜୁଟ ହେବା ନିଶ୍ଚିତ ଭାବରେ ଆମପାଇଁ ଏକ ଶୁଭ ସୂଚନା । ଛାତ୍ର ଛାତ୍ରୀମାନେ ସେମାନଙ୍କ ପିତାମାତାଙ୍କ ବୃତ୍ତି ସଂପର୍କରେ ଅବଗତ ହେବା ଉଚିତ । ନିର୍ମାଣ ଶ୍ରମିକ ଓ ଶ୍ରମିକପିଲା ଝାରସୁଗୁଡ଼ାଠାରେ ଗୋଟିଏ ମଞ୍ଚରେ ଏକଜୁଟ ହେବା ଐତିହାସିକ ଭାବରେ ତାତ୍ପର୍ଯ୍ୟପୂର୍ଣ୍ଣ । ଶ୍ରମିକ ଆନ୍ଦୋଳନ ସହ ପାଞ୍ଚ ଦଶନ୍ଧି ମଧ୍ୟରେ ଏପରି ଉଦ୍ୟମ ମୁଁ ପୂର୍ବରୁ କେବେ ଶୁଣି ନାହିଁ କି ଦେଖିନାହିଁ । ଏହି ପ୍ରକ୍ରିୟା ମଧ୍ୟରୁ ଉଭୟ ଶ୍ରମିକ ଓ ଶ୍ରମିକର ପିଲା ବହୁକଥା ଶିକ୍ଷା ଲାଭ କରିବା ସହ ଏବଂ ସେମାନଙ୍କ ମଧ୍ୟରେ ଏକ ଉତ୍ତର ଦାୟିତ୍ୱବୋଧ ଆସି ପାରିବ । ଦେଶରେ ଏମ୍‌ଜିଏନ୍‌ଆରଇଜିଏ ଯୋଜନାରେ ଶ୍ରମିକ କାମ ପାଉନାହିଁ, ମେସିନକୁ କାମରେ ଲଗାଇ ଦିଆଯାଉଛି । ପିଲାମାନେ ଏ ସଂପର୍କରେ ମୁଣ୍ଡ ଖେଳାଇବା ଦରକାର । ଆଜିର ଏହି ଆଲୋଚନା ସଭା ଯେଉଁ ନିର୍ଣ୍ଣୟ ନେବ ତାହା ଭବିଷ୍ୟତରେ ଶ୍ରମିକ ପିଲାଙ୍କୁ ନୂଆ ସମ୍ଭାବନା ଆଣିଦେବା ସହ- ଧରମା ପ୍ରତିଷ୍ଠାନରେ ସେମାନଙ୍କୁ କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରିବ । ଧରମା ପ୍ରତିଷ୍ଠାନର ସଭ୍ୟ ସଭ୍ୟାମାନେ ଏକଜୁଟ ହୋଇ କାମ କରିବାର ବେଳ ଆସିଛି । ସେମାନଙ୍କର ପିତାମାତାମାନେ ସେମାନଙ୍କୁ ଏହି କାର୍ଯ୍ୟରେ ଉତ୍ସାହିତ କରିବା ସହ ସାହାଯ୍ୟ କରିବା ଦରକାର ।

ଆଲୋଚନାକୁ ଆଗକୁ ନେଇ ବରିଷ୍ଠ ସାମ୍ବାଦିକ ଓ ସମାଜସେବୀ **ଶ୍ରୀ ସୁଦର୍ଶନ ଛୋଟରାୟ** କହିଲେ ଶ୍ରମିକମାନେ ସେମାନଙ୍କ ପିଲାମାନେ କ'ଣ ପଢୁଛନ୍ତି ତାହା ଜାଣିବା ଓ ଖବର ରଖିବା ଦରକାର । ପିଲାଙ୍କୁ ପଚାରିଲେ ପିତାମାତା କି କାମ କରନ୍ତି ତାହାର ଠିକ୍ ଉତ୍ତର ମଧ୍ୟ ମିଳୁନାହିଁ । ପିତାମାତାର ଜବ୍‌କାର୍ଡ଼ ଅଛି କି ନାହିଁ ପଚାରିଲେ ଉତ୍ତର ମିଳୁନାହିଁ । ଯେଉଁ ଘରୁ ସେ ପଖାଳଖାଇ କଲେଜ ବାହାରୁଛି ତାର ପିତା ମାତାଙ୍କ ବୃତ୍ତି ସଂପର୍କରେ ଜାଣିବା ପାଇଁ



ଛାତ୍ର ଛାତ୍ରୀ ଙ୍କ ସମାରୋହରେ ଅଭିଭାବକ ପର୍ଯ୍ୟବେକ୍ଷକ ଭାବରେ ଯୋଗଦାନ



ସମାରୋହରେ ଯୋଗଦାନ କରିଥିବା ଛାତ୍ର ଛାତ୍ରୀ

ସେ ନାରାଜ । ନିଜ ବାଡ଼ି ବଗିଚା ଚାଷବାସ କାମରେ ତା'ର କୌଣସି ସହଯୋଗ ନାହିଁ । କଷ୍ଟେ ମଷ୍ଟେ ଯୁକ୍ତ ଦୁଇ କିମ୍ବା ଯୁକ୍ତ ତିନି ପାସକରି ଚାକିରି ନ ପାଇ ବାପାଠାରୁ ଅର୍ଥ ନେଇ ଅୟସ କରୁଛି । ପାଠ ସରିବା ପରେ କାମରେ ନିଯୁକ୍ତି ମିଳିପାରୁ ନାହିଁ । ଘରର କୌଣସି କାମ ପାଇଁ ବାପା ଯଦି ଡ଼ାକୁଛି ପିଲା କହୁଛି ମୁଁ ବିଏ ପାସ କରିଛି ଏହି କୂଳି କାମ କରିବାକୁ ତୋ ସହ ଯିବି । କି ପ୍ରକାର ଶିକ୍ଷା ତାକୁ ଦିଆଗଲା । ଆମ ରାଜ୍ୟରେ ପର୍ଯ୍ୟାପ୍ତ କାମ ନ ମିଳିବା କାରଣରୁ ହଜାର ହଜାର ଶ୍ରମିକ ବାହାର ରାଜ୍ୟକୁ କାମ ପାଇଁ ଯାଇ ସେଠାରେ ନିର୍ଯ୍ୟାତନାରେ ଶିକାର ହୋଇ ଘରକୁ ଫେରୁଛନ୍ତି । ସେମାନଙ୍କୁ ସାମାଜିକ ସୁରକ୍ଷା ମିଳିବା ଦରକାର । ନଚେତ ସେହି ଶ୍ରମିକମାନେ ସମାଜର କାମରେ ଆସିପାରିବେ ନାହିଁ ।

ସମାଜ ସେବୀକା **ସୁଷମା ସାହୁ** କହିଲେ ଏହି ପିଲାଙ୍କ ପାଖରେ କିଛି ସମୟ ଅଛି ସେହି ସମୟ ମଧ୍ୟରୁ ଅଳ୍ପକିଛି ସମୟ ବାହାର କରି ସେମାନଙ୍କ ପିତା ମାତାଙ୍କ ପାଇଁ ହୋଇଥିବା ଆଇନ୍ ସଂପର୍କରେ ଅବଗତ ହେଲେ ନିର୍ମାଣ ଶ୍ରମିକମାନଙ୍କ ସାମାଜିକ ନିରାପତ୍ତା ତ୍ୱରାନ୍ୱିତ ହୋଇପାରିବ । ଶ୍ରମିକର ପିଲାମାନେ ଶିକ୍ଷା ଲାଭ ନିମନ୍ତେ କଲ୍ୟାଣ ବୋର୍ଡ଼ ଦେଉଥିବା ସହାୟତା ପାଇବାରେ ଯେଉଁସବୁ ଅସୁବିଧା ହେଉଛି ତାହା ମଧ୍ୟ ଜାଣି ପାରିବେ । ଧରମା ପ୍ରତିଷ୍ଠାନରେ ବହୁଛାତ୍ର ଛାତ୍ରୀ ଏହାର ସଦସ୍ୟ ହେଉଛନ୍ତି । ସେମାନେ ଧରମା କରିଥିବା କାମ ସଂପର୍କରେ ଅବଗତ ହେବା ଦରକାର । ଏହି ସମାରୋହରେ ୩୫୦ ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଛାତ୍ର ଛାତ୍ରୀମାନଙ୍କୁ ନେଇ ଏକ ଜିଲ୍ଲା କମିଟି ଗଠନ କରାଯାଇ ଛାତ୍ର ନେତା ସର୍ବଶ୍ରୀ ଚନ୍ଦ୍ରମଣି କାଲୋ, ଆକାଶ ମହାନନ୍ଦ, ମୌଷୁମୀ ଶେଖର ଦେଓ, ଦୁଃଶମନ୍ତ ବାଗ, ଉପାସୀ ନାଏକ, ନୈନା ରାଉତ, ମନିଶା କୁମ୍ଭାର, ରାଜେଶ ଭୋଇ ଓ ସୋମନ ସେଟ୍ ପ୍ରମୁଖଙ୍କୁ ନେଇ ଏକ ଜିଲ୍ଲା କମିଟି ଗଠନ କରାଯାଇଥିଲା । କୋଣାର୍କ ଠାରେ ଏକ ଛାତ୍ର ସମ୍ମିଳନୀ କରିବା ପାଇଁ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ବସୁଦେବ ଧୁରୁଆ, ପ୍ରମୋଦ ରାଉତ, ଉପାସୀ ନାଏକ, ଚେରୁମଣି କାଲୋ, ବାବୁଲୁ ନାଏକ, ଲୋକନାଥ ସାହୁ ଓ ସୁରଜ କାଲୋ କାର୍ଯ୍ୟକ୍ରମକୁ ସହଯୋଗ ଓ ପରିଚାଳନା କରିଥିଲେ ।

## ନିର୍ମାଣ ଶ୍ରମିକଙ୍କୁ କଲ୍ୟାଣ କୋଷରୁ ମିଳୁଥିବା ବିଭିନ୍ନ ସୁବିଧା ସଂପର୍କରେ ଏଠାରେ ସୂଚନା ପ୍ରଦାନ କରାଗଲା ।

| କ୍ର.ନଂ | ବିଭିନ୍ନ ଯୋଜନାରେ ଶ୍ରମିକଙ୍କୁ ମିଳୁଥିବା ଆର୍ଥିକ ସହାୟତା | ଅର୍ଥ ସହାୟତା ରାଶି |
|---|---|---|
| ୧ | ଶ୍ରମିକର ଦୁର୍ଘଟଣାରେ ମୃତ୍ୟୁ ହେଲେ | ୨ଲକ୍ଷ ଟଙ୍କା |
| ୨ | ସ୍ୱାଭାବିକ/ସାଧାରଣ ମୃତ୍ୟୁ ହେଲେ | ୧ଲକ୍ଷ ଟଙ୍କା |
| ୩ | ଶ୍ରମିକର ମୃତ୍ୟୁ ଅନ୍ତ୍ୟେଷ୍ଟି କ୍ରିୟା ନିମନ୍ତେ | ୫,୦୦୦/- |
| ୪ | ଶ୍ରମିକ ଦୁର୍ଘଟଣାରେ ପଡ଼ିଲେ ସହାୟତା ବା ଅକ୍ଷମତା / କ୍ଷତି ଅନୁପାତରେ | ୧ଲକ୍ଷ ୭୫ ହାଜାର ପର୍ଯ୍ୟନ୍ତ |
| ୫ | ଶ୍ରମିକଙ୍କୁ ବୃତ୍ତିଭିତ୍ତିକ ପେନସନ୍ ସହାୟତା | ମାସିକ ଟ.୫୦୦/- |
| ୬ | ଦୂରାରୋଗ୍ୟ ବ୍ୟାଧି ଯଥା: କ୍ୟାନ୍‌ସର, ହୃଦ୍ ରୋଗ ଓ ବୃକ୍କ ଆଦି ଚିକିତ୍ସା ସହାୟ | ସମସ୍ତ ଖର୍ଚ୍ଚର ସହାୟତା । |
| ୭ | ଯନ୍ତ୍ରପାତି କ୍ରୟ ସହାୟତା | ୪,୦୦୦/- |
| ୮ | ଗୃହ ନିର୍ମାଣ ପାଇଁ ସହାୟତା | ୧ ଲକ୍ଷ ୫୦ ହଜାର ଟଙ୍କା |
| ୯ | ଶ୍ରମିକର କୁଶଳତା ବୃଦ୍ଧି (Skill development) ନିମନ୍ତେ ସହାୟତା | ୬,୦୦୦/- |
| ୧୦ | ମାତୃତ୍ୱ କାଳୀନ (Materanity benifite) ସହାୟତା | ୨୦,୦୦୦/- |
| ୧୧ | ଶ୍ରମିକର ଦୁଇଟି ଝିଅ ବାହାଘର ପାଇଁ ସହାୟତା | ୫୦ ହଜାର ଟଙ୍କା |
| ୧୨ | ସୁରକ୍ଷା ଜନିତ ଓ ସାଇକେଲ କ୍ରୟ ପାଇଁ ସହାୟତ | ୫ ହଜାର ଟଙ୍କା |

## ନିର୍ମାଣ ଶ୍ରମିକ ପିଲାଙ୍କ ଶିଶୁ ମହୋତ୍ସବ ଆୟୋଜିତ

ଝାରସୁଗୁଡ଼ା: ସ୍ଥାନୀୟ ଶିବ୍ବାଞ୍ଚଳ ଠାରେ ଗତ ତା ୬ ଓ ୭, ଜାନୁୟାରୀ, ୨୦୧୭ ରିଖରେ ଧରମା ପକ୍ଷରୁ ଓ ପ୍ରଗତିଶୀଳ ଶ୍ରମିକ ମଞ୍ଚର ସହ ଯୋଗରେ ଶିଶୁ ମହୋତ୍ସବ ପାଳିତ ହୋଇଯାଇଛି । ମଂଚର ସାଂଗଠନିକ ସମ୍ମିଳନୀର ଅଧିବେଶନ ସରିବା ପରେ ସଂନ୍ଧ୍ୟାରେ ଏହା ଆୟୋଜିତ ହୋଇଥିଲା । ଅଧାରୁ ପାଠ ଛାଡ଼ି ଚାଲିଯାଉଥିବା ନିର୍ମାଣ କ୍ଷେତ୍ରର ପିଲା ଯୋଗଦାନ କରିଥିଲେ । ଦାରିଦ୍ର୍ୟ, ଅଭାବ, ଅସୁରକ୍ଷିତ ଜୀବନ ଓ ଅବହେଳା ସତ୍ତ୍ୱେ ଏମାନଙ୍କ ପାଖରେ ଥିବା ଦକ୍ଷତା ଓ ପ୍ରତିଭାର ଅନ୍ୱେଷଣ କରିବା ସହ ତାର ବିକାଶ ପାଇଁ ଧରମା ଓ ପ୍ରଗତିଶୀଳ ଶ୍ରମିକ ମଂଚ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅଭିନବ ଅଭିଯାନ ବାସ୍ତବରେ ଏହିସବୁ ପିଲାମାନଙ୍କ ମନରେ ଆଣିଦେଇଥିଲା ଆନନ୍ଦ ଓ ଉତ୍ସାହ । ନାଚ, ଗୀତ ଓ ଚିତ୍ରାଙ୍କନ ସହ ବିଭିନ୍ନ ଖେଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପିଲାମାନେ ପ୍ରଦର୍ଶନ କରିଥିଲେ ନିଜନିଜ ନିଆରା ପାରଦର୍ଶିତା । କୌଣସି ଅନୁଷ୍ଠାନିକ ଶିକ୍ଷା ବା ତାଲିମ୍ ନ ପାଇ ଏମାନେ ଯେଉଁ ଉତ୍କର୍ଷର ଉଦାହରଣ ପ୍ରଦର୍ଶନ କରି ପାରିଲେ ତାହା ତଥାକଥିତ ସମ୍ଭ୍ରାନ୍ତ ବର୍ଗର ତାଲିମ ପ୍ରାପ୍ତ ଏବଂ ବ୍ୟୟ ବହୁଳ ପ୍ରଶିକ୍ଷାର୍ଥୀ ମାନଙ୍କୁ ପଛରେ ପକାଇ ଦେବାକୁ ଯଥେଷ୍ଟ ଥିଲା । ଉପସ୍ଥିତ ଅତିଥିମାନେ ଏସବୁ କାର୍ଯ୍ୟକ୍ରମକୁ କେବଳ ଉପଭୋଗ କରି ନଥିଲେ ବରଂ ଏହାର ସୁଦୂର ପ୍ରଭାବ ସଂପର୍କରେ ଅଭିଭୂତ








ହୋଇଯାଇଥିଲେ । ଏହି ମହୋତ୍ସବରେ ଅତିଥିଭାବେ ଯୋଗ ଦେଇଥିବା ବିଶିଷ୍ଟ ଶ୍ରମିକ ନେତା ଅନୀଲ ମହାନ୍ତି, ସାମ୍ବାଦିକ ସୁଦର୍ଶନ ଛୋଟରାୟ, ସମାଜସେବୀ ଆଶୀଷ ମହାନ୍ତି ପିଲାମାନଙ୍କୁ ଉତ୍ସାହିତ କରିବା ଲକ୍ଷରେ ସେମାନଙ୍କ ସହମିଶି ନୃତ୍ୟ କରିଥିଲେ ଏବଂ ବିଜୟୀ ପ୍ରତିଯୋଗୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

ମଞ୍ଚର ସାଧାରଣ ସଂପାଦକ ଶ୍ରୀ ରକ୍ଷାକର ଅନୁପମ କହିଲେ ନିର୍ମାଣ ଶ୍ରମିକ ପିଲାମାନଙ୍କର ବିଭିନ୍ନ ପ୍ରତିଭା ଥାଇ ମଧ୍ୟ ଅତିକମ୍ ବୟସରୁ ସେମାନଙ୍କୁ କାମରେ ନିୟୋଜିତ କରାଯାଉଥିବାରୁ ଏବଂ ପିତାମାତା ଗୋଟିଏ ସ୍ଥାନକୁ କାମକୁ ଯିବାକୁ ପଡୁଥିବାରୁ ଶିଶୁଙ୍କୁ ସାଙ୍ଗରେ ନେବାକୁ ପଡ଼ିଥାଏ । ସେହି କାରଣ ପାଇଁ ସେମାନଙ୍କ ପ୍ରତିଭାର ମୃତ୍ୟୁ ହୋଇଥାଏ । ସେହିସବୁ ପ୍ରତିଭାବାନମାନଙ୍କୁ ଶ୍ରେଣୀ କୋଠରୀକୁ ପୁନର୍ବାର ଫେରାଇ ଆଣିବା ପାଇଁ ଧରମାର ଜନ୍ମ । ଯେଉଁ ସବୁ ପ୍ରତିଭା ସେମାନଙ୍କ ମଧ୍ୟରେ ରହିଛି ତାହାକୁ ପ୍ରଦର୍ଶିତ କରିବା ପାଇଁ ସେମାନଙ୍କ ପିତାମାତାଙ୍କୁ ଶିଶୁ ମହୋତ୍ସବରେ ନିରିକ୍ଷକ ଭାବରେ ରଖାଯାଇଥିଲା । ନିଜର ପିଲାର ପ୍ରତିଭା ନିକଟରୁ ଦେଖିବା ପରେ ପିତାମାତାମାନେ ଅଭିଭୂତ ହେବା ସହ କମ୍ ବୟସରୁ ପିଲାଙ୍କୁ କାମରେ ନିୟୋଜିତ କରିବା ମସ୍ତବଡ଼ ଭୁଲ କରିଥିଲେ ପ୍ରତାପ କାଲୋ । ପୂର୍ବରୁ କେବେ କୌଣସି ମଞ୍ଚରେ ଏପରି ପ୍ରତିଭା ବିକାଶର ସୁବିଧା ନ ପାଇ ମଧ୍ୟ ଏହି ନିର୍ମାଣ ଶ୍ରମିକ ପିଲାମାନେ ଯେଉଁ ସବୁ ପ୍ରତିଭା ପ୍ରଦଶିତ କଲେ ତାହାକୁ ଶ୍ରମିକ ସଭ୍ୟ ସଭ୍ୟା ଓ ଅତିଥିମାନେ ଉଚ୍ଚ ପ୍ରଶଂସା କରିଥିଲେ । ପଶ୍ଚିମ ଓଡିଶା ଆବାହିକା ସୁଷମା ସାହୁ, ଧୋବି କିସାନ, ଚନ୍ଦ୍ରଭାନୁ ଧୁରୁଆ, ଚିନ୍ତା କିସାନ, ଲିଙ୍ଗରାଜ କାଲୋ, ଚେରୁମଣି କାଲୋ, ସତ୍ୟଭାମା ମେହେର, ସୁଦେଷ୍ଣା ମାଝୀ ଓ ସୁଶ୍ରୀ ସୁବନ୍ତି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା କୁନିକନି ଶିଶୁମାନଙ୍କ ମଧ୍ୟରେ ଗ୍ରୁପ୍ ଡ୍ୟାନ୍ସରେ ଝାରସୁଗୁଡ଼ା ଜିଲ୍ଲା ସୋଡ଼ାମାଲ ଗ୍ରାମର ରାକ୍ଷୀ କାଲୋ ଓ ସାଥୀମାନେ, ପ୍ରଥମ ସ୍ଥାନ ପାଇ ପୁରସ୍କୃତ ହୋଇଥିଲେ । ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ କହରପଡ଼ା ଗ୍ରାମରୁ ପିଶା ଗୁରୁ ଓ ସାଥୀ, ଦ୍ୱିତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଥିଲେ । ନୂଆପଡ଼ା ଜିଲ୍ଲାର ବୋଡ଼େନ୍ ବ୍ଲକରୁ ଆସି ଥିବା ଶିଶୁ କଳାକାରମାନେ "ମା ତୁଝେ ସଲାମ" ନୃତ୍ୟ ପ୍ରଦର୍ଶନ କରି ତୃତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଥିଲେ ।

ସିଙ୍ଗିଲ ଡ୍ୟାନସ୍‌ରେ ସୋଡ଼ାମାଲ ଗ୍ରାମର ରାକ୍ଷୀ କାଲୋ ପ୍ରଥମ ସ୍ଥାନ, କହରପଡ଼ା ଗ୍ରାମର ପ୍ରିଶା ଗୁରୁ ଦ୍ୱିତୀୟ ସ୍ଥାନ, ପାକେଲଖୋଲ ଗ୍ରାମର ଚନ୍ଦ୍ରକାନ୍ତି ନାଏକ ତୃତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଛନ୍ତି ।

## ନିର୍ମାଣ ଶ୍ରମିକ ପିଲାମାନଙ୍କ ଶିକ୍ଷା ବୃତ୍ତି ସହାୟତା ବୃଦ୍ଧି ନିମନ୍ତେ କଲ୍ୟାଣ କୋଷକୁ ଧରମା ଫାଉଣ୍ଡେସନ ପକ୍ଷରୁ ପ୍ରସ୍ତାବ

| କ୍ର.ନଂ | ପ୍ରସ୍ତାବିତ ଶିକ୍ଷା ସହାୟତା (ଶ୍ରେଣୀ) | ବର୍ଷକୁ (ଟଙ୍କା) |
|---|---|---|
| ୧ | +୨, ଶିକ୍ଷା ପାଇଁ | ୧୨,୦୦୦/- |
| ୨ | +୩, ଶିକ୍ଷା ପାଇଁ | ୧୫,୦୦୦/- |
| ୩ | ଆଇ.ଟି.ଆଇ ଶିକ୍ଷା ପାଇଁ | ୨୦,୦୦୦/- |
| ୪ | ଡ଼ିପ୍ଲୋମା ଶିକ୍ଷା ପାଇଁ | ୪୦.୦୦୦/- |
| ୫ | ଟେକ୍‌ନିକାଲ ଶିକ୍ଷା ପାଇଁ | ୭୦,୦୦୦/- |
| ୬ | ବି.ଟେକ୍, ଏମ୍‌ସିଏ, ଏମ୍‌ବିଏ, ଏମ୍‌ଏସ୍‌ସି, ବି.ଫାର୍ମ, ଏମ୍.ଫାର୍ମ, ହୋଟେଲ ମେନେଜମେଣ୍ଟ, ଡ଼ାକ୍ତରି, ପିଜି ଶିକ୍ଷା ପାଇଁ | ୧,୦୦,୦୦୦/- (ଏକ ଲକ୍ଷ) |
| ୭ | ୬୦ ବର୍ଷ ପୂରଣ କରୁଥିବା ଶ୍ରମିକଙ୍କୁ ବୃତ୍ତିଭିତ୍ତିକ ପେନସନ୍ (ମାସକୁ) | ୫,୦୦୦/- |
| ୮ | ଗୃହ ନିର୍ମାଣ ପାଇଁ | ୩,୦୦୦୦୦/- (ତିନି ଲକ୍ଷ) |



"ସାଧାରଣ ଓ ସ୍ୱାଭାବିକ ଭାବେ ଶିକ୍ଷାର ସୁଯୋଗ ହାସଲ କରିବା ପାଇଁ ଶିଶୁର ଯେଉଁ ମୌଳିକ ଅଧିକାର ରହିଛି, ସେଥିରୁ ବହୁ ସଂଖ୍ୟକ ଶିଶୁ ଏବେ ବି ବଂଚିତ କାରଣ ସେମାନଙ୍କର ଇଚ୍ଛା ବିରୁଦ୍ଧରେ ଶ୍ରମ କରିବାକୁ ଓ ବିଶେଷ କରି କଠିନ, ବିପଦସଂକୁଳ ଏବଂ ଶୋଷଣମୂଳକ ଶ୍ରମକ୍ଷେତ୍ରକୁ ଠେଲି ଦିଆଯାଉଛି, ଫଳରେ ମାନବ ପୁଞ୍ଜିର ଏକ ବୃହତ୍ତ ଅଂଶ ଅବକ୍ଷୟ ହୋଇଚାଲିଛି ଏହାକୁ ରୋକିବା ପାଇଁ ସବୁ ସ୍ତରରେ ବ୍ୟାପକ ଉଦ୍ୟମ ହେବା ଦରକାର ।"

-ଡ଼ଃ ଲକ୍ଷ୍ମୀଧର ମିଶ୍ର, ପ୍ରାକ୍ତନ କେନ୍ଦ୍ର ଶ୍ରମ ସଚିବ ଓ ଆନ୍ତର୍ଜାତିକ ଶ୍ରମ ସଂଗଠନର ବରିଷ୍ଠ ଉପଦେଷ୍ଟା



Aiming to be a
world class power utility

Committed to:

- Generate clean, safe and reliable power
- Adopt global best practices and strive for excellence
- High standard environment, health, safety practices
- Strengthen state power sector and economy
- Contribute to national growth

OPGC
Power for Progress

Odisha Power Generation Corporation Ltd.
(A Government Company of the State of Odisha)
7th Floor, Fortune Towers, Bhubaneswar - 751 023



www.opgc.co.in


## ନିର୍ମାଣ ଶ୍ରମିକ କଲ୍ୟାଣ କୋଷରୁ ନିମ୍ନ, ଉଚ୍ଚ ମାଧ୍ୟମିକ, ଯୁକ୍ତ ୨, ଯୁକ୍ତ ୩ ଓ ପି.ଜି ପିଲାଙ୍କ ନିମନ୍ତେ ଶିକ୍ଷା ସହାୟତା

| କ୍ର.ନଂ | କେଉଁ ଶ୍ରେଣୀ ପାଇଁ | ବର୍ଷକୁ (ଟଙ୍କା) |
|---|---|---|
| ୧ | ୬ଷ୍ଠ ରୁ ୮ମ ଶିକ୍ଷା ପାଇଁ | ୨,୦୦୦/- |
| ୨ | ୯ମ ଶିକ୍ଷା ପାଇଁ | ୩,୦୦୦/- |
| ୩ | ୧୦ମ ଶିକ୍ଷା ପାଇଁ | ୪,୦୦୦/- |
| ୪ | ଯେଉଁ ଛାତ୍ରଛାତ୍ରୀମାନେ ଦଶମ ଶ୍ରେଣୀରେ ୯୦ ଶତକଡ଼ାରୁ ଅଧିକ ରଖିବେ ସେମାନଙ୍କ ପାଇଁ ଏକକାଳୀନ ଦଶ ହଜାର ଟଙ୍କା ଦିଆଯିବ | ୧୦,୦୦୦/- |
| ୫ | +୨, ଶିକ୍ଷା ପାଇଁ | ୫,୦୦୦/- |
| ୬ | +୩, ଶିକ୍ଷା ପାଇଁ | ୭,୦୦୦/- |
| ୭ | ଆଇ.ଟି.ଆଇ ଶିକ୍ଷା ପାଇଁ | ୭,୦୦୦/- |
| ୮ | ଡ଼ିପ୍ଲୋମା ଶିକ୍ଷା ପାଇଁ | ୧୦,୦୦୦/- |
| ୯ | ଟେକ୍‌ନିକାଲ ଶିକ୍ଷା ପାଇଁ | ୧୦,୦୦୦/- |
| ୧୦ | ବି.ଇଡ଼ି, ସିଟି, ବି.ଟେକ୍, ଏମ୍‌ସିଏ, ଏମ୍‌ବିଏ, ଏମ୍‌ଏସ୍‌ସି, ବି.ଫାର୍ମ, ଏମ୍.ଫାର୍ମ, ହୋଟେଲ ମେନେଜମେଣ୍ଟ, ଡ଼ାକ୍ତରି, ପିଜି ଶିକ୍ଷା ପାଇଁ, ନର୍ସ ଟ୍ରେନିଂ | ୪୦,୦୦୦/- |

ଧରମା ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ସୁଷମା ସାହୁଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ । ଯୋଗାଯୋଗ: ପ୍ଲଟ ନଂ - ୨୫, ମଧୁସୂଦନ ନଗର, ଭୁବନେଶ୍ୱର - ୭୫୧୦୦୭, ଓଡ଼ିଶା, ୮୦୧୮୪୧୫୯୯୧

E-mail: dharamafoundation@gmail.com, psm.odisha@gmail.com

**Chief Editor: Dr. Golak Bihari Nath**

**Editor: Rakshyakar Anupam**